## ସଂକ୍ଷେପରେ

### ପରିତ୍ୟକ୍ତ ଖାଲରେ ପଡି ଶିଶୁ କନ୍ୟା ଆହତ

**ମହାକାଳପଡା, ୧୮।୮ (ଡି.ଏନ.ଏ.):** ଘର ବାଡିପଟେ ଖେଳୁଥିବା ବେଳେ ଏକ ପରିତ୍ୟକ୍ତ ଖାଲରେ ପଡିଯିବାରୁ ମହାକାଳପଡା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆ (ଶବରପଡା) ଗ୍ରାମର ଜଣେ ଶିଶୁ କନ୍ୟା ଆହତ ହୋଇଛନ୍ତି। ସେ ଉକ୍ତ ଗ୍ରାମର ବାହାଦୁର ଭକ୍ତାଙ୍କ ଶିଶୁ କନ୍ୟା ସୁଭଦ୍ରା (୨)। ଖାଲରେ ବର୍ଷା ପାଣି ଜମିଥିବାରୁ ସେ ପାଣିରେ ବୁଡି ଯାଇଥିଲେ। ତୁରନ୍ତ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖାଲରୁ ଉଦ୍ଧାର କରି ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ଶିଶୁକନ୍ୟାର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି।

### କାନ୍ଥ ତଳେ ଚାପି ହୋଇ ବୃଦ୍ଧା ଗୁରୁତର

**ଡେରାବିଶ,୧୮।୮(ସ୍ୱ.ପ୍ର.):** ଲଘୁଚାପ ଜନିତ ବର୍ଷାରେ ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁର ଗ୍ରାମରେ କାନ୍ଥତଳେ ଚାପି ହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କର ଦୁଇଗୋଡ ଭାଙ୍ଗି ଯାଇଥିବାରୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ ,ପଲ୍ଲୀରଘୁନାଥପୁର ଗ୍ରାମର ରାମଚନ୍ଦ୍ର ମହାରଣାଙ୍କ ଚାଳଘରର କାନ୍ଥ ଗୁରୁବାର ସନ୍ଧ୍ୟାରେ ଭାଙ୍ଗି ପଡ଼ିଥିଲା। ଏହି କାନ୍ଥ ତଳେ ରାମଚନ୍ଦ୍ରଙ୍କ ସ୍ତ୍ରୀ ସୁକାନ୍ତି (୭୮) ଚାପି ହୋଇ ଗୁରୁତର ହୋଇଥିଲେ।

### ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଲେ ୨୭୩ ଛାତ୍ରୀଛାତ୍ର

**ମାର୍ଶାଘାଇ,୧୮।୮(ଡିଏନଏ):** ଚଳିତବର୍ଷ ପାଇଁ ମାର୍ଶାଘାଇ ବ୍ଲକର ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୩ ଜଣ ଛାତ୍ରୀଛାତ୍ର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିଲେ। ୧୩୯ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ପରୀକ୍ଷାରେ ୬ ଜଣ ଅନୁପସ୍ଥିତ ଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପରିଚାଳକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ ଏବଂ ପର୍ଯ୍ୟବେକ୍ଷକ ଭାବେ ମାର୍ଶାଘାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୦ ଜଣ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିଲେ। ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପରିଚାଳିକା ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତି ଏବଂ ପର୍ଯ୍ୟବେକ୍ଷକ ଭାବେ ବିଆରସିସି ମାଗୁଣି ଚରଣ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୨ଟାରେ ଶେଷ ହୋଇଥିଲା। ଉଭୟ କେନ୍ଦ୍ରରେ ମାର୍ଶାଘାଇ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୭୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

### ଜିଲ୍ଲାପାଳଙ୍କ ଦ୍ୱାରା ଇନ୍ଦୁପୁରରେ ଏଟିଏମ ଉଦ୍‌ଘାଟିତ



**ଡେରାବିଶ,୧୮।୮(ସ୍ୱ.ପ୍ର.):** କେନ୍ଦ୍ରାପଡା ବ୍ଲକର ଇନ୍ଦୁପୁରଠାରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଏକ ନୂତନ ଏଟିଏମ୍‌କୁ ନିକଟରେ ନୂତନ ଜିଲାପାଳ ଦାଶରଥୀ ଶତପଥୀ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଲଡିଏମ୍ ସୁନିଲ ପୁରୋହିତ ,ନାବାର୍ଡ ଜିଲା ଅଧିକାରୀ ମାନସ କୁମାର ବେହେରା, ଆଞ୍ଚଳିକ ପ୍ରବନ୍ଧକ ଅଞ୍ଜନ କୁମାର ଚାଟାର୍ଜୀ, ବରିଷ୍ଠ ପ୍ରବନ୍ଧକ ବିଷ୍ଣୁ ପ୍ରସାଦ କର, ଇନ୍ଦୁପୁର ଶାଖା ପରିଚାଳକ ଅର୍ଜ୍ଜୁନ ଚରଣ ଜେନା, କେନ୍ଦ୍ରାପଡା ତିନିମୁହାଣୀ ଶାଖା ପ୍ରବନ୍ଧକ ବିରଜା ପ୍ରସାଦ କର, ଇନ୍ଦୁପୁର ସରପଞ୍ଚ ରିନାରାଣୀ ମଲ୍ଲିକ, ଧୂମାତ ସରପଞ୍ଚ ନରହରି ପାଣି ଯୋଗ ଦେଇଥିଲେ। ଦୀର୍ଘବର୍ଷ ଧରି ଗ୍ରାମ୍ୟ ବ୍ୟାଙ୍କର ଏକ ଏଟିଏମ୍ ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ବ୍ୟାଙ୍କ ଅଧିକାରୀ ସୌମ୍ୟାଶ୍ରୀ ନାୟକ, ପ୍ରଦୀପ୍ତ କୁମାର ସାହୁ, ଅଶୋକ କୁମାର ନାୟକ, ବୃନ୍ଦାବନ ପତ୍ରୀ, ଅନିତା କବି, ଦୀପକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ କେରଳରେ ବନ୍ୟା ବିପ୍ଲାବ

# ଭୋକ ଉପାସରେ ପଡି ରହିଛନ୍ତି ସାତଭାୟା ଅଞ୍ଚଳର ଶତାଧିକ ଶ୍ରମିକ

**ରାଜନଗର,୧୮।୮(ଡି.ଏନ.ଏ.)**

କେରଳରେ ବାଦଲଫଟା ବର୍ଷା ସାଙ୍ଗକୁ ନଦୀରେ ପ୍ରବଳ ବନ୍ୟା ଆସିବା ଫଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ହଜାର ହଜାର ଲୋକ ବନ୍ୟାପାଣି ଘେରରେ ରହି ହନ୍ତସନ୍ତ ହେଉଛନ୍ତି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ସାତଭାୟା ଅଞ୍ଚଳର ଶତାଧିକ ଶ୍ରମିକ ସେଠାରେ ବନ୍ୟା ଘେରରେ ରହିଥିବା ଖବର ମିଳିଛି । ସେମାନଙ୍କ ମଧ୍ୟରୁ ଅନେକ ଭୋକ ଓପାସରେ ପଡି ରହିଛନ୍ତି ।

କେରଳରେ ଗତ କିଛି ଦିନ ଧରି ବର୍ଷା ଲାଗି ରହିଛି। ବନ୍ୟା ପରିସ୍ଥିତି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଶହ ଶହ ଲୋକ ଖାଦ୍ୟ ବିନା ଭୋକ ଉପାସରେ ଦିନ କାଟୁଛନ୍ତି। ରାଜନଗର ବ୍ଲକ ଅନ୍ତର୍ଗତ ସାତଭାୟା ଅଞ୍ଚଳର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଲୋକ କେରଳରେ କାମ କରୁଛନ୍ତି । ଅଧିକାଂଶ ଯୁବକ ସେଠାକାର ପ୍ଲାଏଉଡ୍ କମ୍ପାନୀରେ କାମ କରୁଛନ୍ତି। ସାତଭାୟାର ରାଜେନ୍ଦ୍ର ପଣ୍ଡା, ସତ୍ୟ ରଞ୍ଜନ ପଣ୍ଡା, ଅକ୍ଷୟ କୁମାର ସ୍ୱାଇଁ, ବିବେକାନନ୍ଦ ବେହେରା, ରୋହିତ ବେହେରା, ଅମିତ୍ କୁମାର ପରିଡା, ହେମନ୍ତ କୁମାର ମଲ୍ଲ, ଅମୂଲ୍ୟ ସାହାଣୀ, ବିଶ୍ୱ ରଞ୍ଜନ ପାତ୍ର, କୌଶିକ ବେହେରା, ଅମର ପ୍ରସାଦ ବିଶ୍ୱାଳ, ଅଙ୍ଗଦ ବିଶ୍ୱାଳ, ଅନନ୍ତ ସାହାଣୀ, ଜିତେନ୍ଦ୍ର ସାହାଣୀ ପ୍ରମୁଖ ରହୁଥିବା ଘରେ ଗତ ୮ ଦିନ ତଳେ ବନ୍ୟାଜଳ ମାଡି ଯାଇଥିଲା। ସେମାନେ ୩ ଦିନ ଧରି ବନ୍ୟାପାଣି ଘେରରେ ରହିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇ ଉଚ୍ଚା ସ୍ଥାନରେ ରଖାଯାଇଛି। ଏହାଛଡା ସେମାନଙ୍କୁ କମ୍ପାନୀ ପକ୍ଷରୁ ଶୁଖିଲା ବିସ୍କୁଟ ଓ ଚୁଡା ଦିଆଯାଇଥିଲା। ସେମାନେ ତାହାକୁ ଦୁଇଦିନ ଖାଇବା ପରେ ତାହା ସରିଯାଇଛି। ଏବେ ଖାଇବାକୁ କିଛିନାହିଁ କିମ୍ବା ପିଇବାକୁ ପାଣି ଟୋପେ ମିଳୁନି ବୋଲି ସେଠାରେ ଦୁର୍ଦ୍ଦଶାରେ ଦିନ କାଟୁଥିବା ଯୁବକମାନେ ତାଙ୍କ ପରିବାରବର୍ଗଙ୍କୁ ଫୋନ୍ କରି ଜଣାଇଛନ୍ତି। ବିପନ୍ନ ଶ୍ରମିକଙ୍କ ପରିବାର ପକ୍ଷରୁ ଏହି ସୂଚନା ମିଳିଛି। ଏହାଛଡା ଏହି ଅଞ୍ଚଳର ଶତାଧିକ ଯୁବକ ପାଣି ଘେରରେ ଥିବା ଯୋଗୁ ଭୋକ ଉପାସରେ ପଡି ରହିଛନ୍ତି। ରାଜ୍ୟ ସରକାର ସେମାନଙ୍କ ସହ ଯୋଗାଯୋଗ କରି ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ବିପନ୍ନ ଶ୍ରମିକଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

## ୧୧ ଦଫା ଦାବି ନେଇ ପାଚିକା ସଂଘର ଧାରଣା

**ମହାକାଳପଡା, ୧୮।୮ (ଡି.ଏନ.ଏ.)**

୧୧ ଦଫା ଦାବି ନେଇ ଗ୍ରାମାଞ୍ଚଳର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ସଂଘର ସଦସ୍ୟମାନେ ଶନିବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏ ନେଇ ସଂଘ ପକ୍ଷରୁ ବ୍ଲକର ମଙ୍ଗଳପୁର କେନାଲ ଛକରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ଓ ଏ.ଆଇ.ଟି.ୟୁ.ସି.ର ମିଳିତ ସହଯୋଗରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଆଡଭୋକେଟ ରମଣିରଞ୍ଜନ ରାଉତରାୟ ଓ ଅରୁଣ କୁମାର ରାଉତ ଏହାର ନେତୃତ୍ୱ



ପାଚିକା ସଂଘର ସହାୟିକାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଧାରଣାରେ ବିଧିକା ମଣ୍ଡଳ, ଡାଙ୍ଗି ସ୍ୱାଇଁ, ସୁହାନା ବେଗମ, ସୌଦାମିନୀ ପତି, ଝରଣା ବେହେରା, ଶିବାନୀ ଓଝା ଏବଂ ଭାରତୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ମହାକାଳପଡା ପୋଲିସ ଧାରଣାସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲା।

## ବିଧାୟକଙ୍କ ବତିଘର ଘାଇ ସ୍ଥାନ ପରିଦର୍ଶନ

**ମହାକାଳପଡା, ୧୮।୮(ଡି.ଏନ୍.ଏ.)**

ଉଚ୍ଚ ଜୁଆର ପ୍ରଭାବରେ ବତିଘର ମୁଖ୍ୟ ରାସ୍ତାରେ ଘାଇ ସୃଷ୍ଟି ହୋଇଥିଲା। ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ତହସିଲଦାର ନୀଳମାଧବ ଭୋଇ ଶନିବାର ଏହି ଘାଇ ସ୍ଥାନ ପରିଦର୍ଶନ କରିଛନ୍ତି। ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସ୍ଥାନରେ ଅସ୍ଥାୟୀ ଭାବେ ବାଲିବସ୍ତା ପକାଯାଇ ବନ୍ଧ ନିର୍ମାଣ କରାଯାଉଛି। ସୂଚନାଯୋଗ୍ୟ, ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଜୁଆର ପ୍ରଭାବରେ ବୁଧବାର ବତିଘର ପଞ୍ଚାୟତର ଟୁବି ଫେରିଘାଟଠାରୁ ଖୋଳା ନାଳ ସେତୁ ମଧ୍ୟରେ ୧୫ ଫୁଟ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ସେଠାରେ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ମହିଳାଙ୍କୁ ସରକାରୀ କର୍ମଚାରୀଙ୍କ ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କଲା ଆଇଏଚଆରସି

**କେନ୍ଦ୍ରାପଡା ଅଫିସ, ୧୮।୮**

ଜଣେ ମହିଳାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଜିଲାପାଳ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେନ୍ଦ୍ର ସ୍ୱାଇଁ ବଳାତ୍କାର କରିଛନ୍ତି। ଏଭଳି ଅଭିଯୋଗ ଟାଉନ ଥାନାରେ ମାମଲାଭୁକ୍ତ ହେବା ସହ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ତେବେ ଅଭିଯୋଗକୁ ଇତିମଧ୍ୟରେ ୮ ଦିନ ବିତି ଯାଇଥିଲେ ମଧ୍ୟ ଟାଉନଥାନା ପୋଲିସ ଅଭିଯୁକ୍ତଙ୍କୁ ଅଦ୍ୟାବଧି ପଚରାଉଚରା କରିନାହିଁ। ଏ ସମ୍ପର୍କରେ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ (ଆଇଏଚଆରସି) କର୍ମକର୍ତ୍ତାମାନେ ଜିଲା ଏସପି ଅଫିସରେ ଶନିବାର ତଦାରଖ କରିଛନ୍ତି। ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ଜିଲା ସଭାପତି ପ୍ରତାପ ପାଢ଼ୀ, ଉପସଭାପତି ସଞ୍ଜିତ କୁମାର ମହାନ୍ତି ଓ ଯାଜପୁର ଜିଲା ସଭାପତି କାର୍ତ୍ତିକ ଗାରୋଡିଆ ପୀଡିତା ମହିଳାଙ୍କ ସହ ପୂର୍ବାହ୍ନରେ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମାମଲା ସମ୍ପର୍କରେ ଡିଏସପି ରଞ୍ଜନ ଦେଙ୍କୁ ପଚରାଉଚୁରା କରାଯାଇଥିଲା । ଏ ସମ୍ପର୍କରେ ପରିଷଦର ରାଜ୍ୟ ସଭାପତି ଦାସ କହିଛନ୍ତି ଯେ, ଜିଲା ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛଡ଼ାଉ କରାଯାଇଛି। ଖୁବଶୀଘ୍ର ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରାଯିବ । ସୂଚନାଯୋଗ୍ୟ ଯେ, ମହିଳାଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ସୁରେନ୍ଦ୍ର ଜିଲାପାଳଙ୍କ କାର୍ଯ୍ୟାଳୟର ଉପରିସ୍ଥ ଅଫିସରଙ୍କୁ କହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବେ ରଖାଇ ଦେବା ପାଇଁ ପୀଡିତାଙ୍କୁ ପ୍ରଲୋଭନ ଦେଖାଇଥିଲେ । ଏହି ପ୍ରଲୋଭନରେ ପୀଡିତା ଜଣକ ଅଭିଯୁକ୍ତଙ୍କ ସହ ରାଜ୍ୟ ବାହାରକୁ ଏକତ୍ର ଏକ ତୀର୍ଥକ୍ଷେତ୍ରକୁ ଯାଇଥିଲେ। ସେଠାରେ ସେ ବଳାତ୍କାରର ଶିକାର ହୋଇଥିଲେ। ଏନେଇ ସେ ଗତ ୧୦ ତାରିଖରେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୧୮।୮ (ସ୍ୱ.ପ୍ର,)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଭାଜପା ନେତା ଓ କର୍ମୀମାନେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ସଙ୍ଗୀତ ଗାନ କରିବା ସହ ବାଜପେୟୀ ଅମର ରହେ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ନିଗମ ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାଜପା ନେତା ଜ୍ଞାନଦେବ ବେଉରା, ଅଲେଖ କୁମାର ଜେନା, ରାହାସବିହାରୀ ଦାଶ, ପଦ୍ମନାଭ ପଣ୍ଡା, ଉପେନ୍ଦ୍ର ନାୟକ, କାନନବାଳା ଦାସ, ଦେବାଶିଷ ପଣ୍ଡା, ରସ୍ମିତା ସାହୁ, ଦେବାଶିଷ ମଲିକ, ମନମୋହନ ପାତ୍ର, ଓ ସମୀର ପାତ୍ରଙ୍କ ବହୁ ନେତା ବାଜପେୟୀଙ୍କ ଗୁଣଗାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ଛକରେ ଭାଜପା କର୍ମୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ଡେରାବିଶ,(ସ୍ୱ.ପ୍ର.)**–ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଏକ ରାଜନୈତିକ ଯୁଗର ଅବସାନ ଘଟିଛି ବୋଲି ସେ କହିଛନ୍ତି। ଦେଶ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ଅଗ୍ରୱାଲ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା

**ପଟ୍ଟାମୁଣ୍ଡାଇ,୧୮।୮(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଶନିବାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲରେ ପଞ୍ଚମ ଶ୍ରେଣୀର ୨୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୫୪ ଜଣ ପରୀକ୍ଷା ଦେବାକୁ ଚୟନ କରାଯାଇଥିବା ବେଳେ ୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସି ନ ଥିଲେ । ସେହିପରି ସ୍ଥାନୀୟ କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲରେ ତୃତୀୟ ଶ୍ରେଣୀର ୨୩୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ୨୬୦ ଜଣ ମେଧାବୃତ୍ତି ପରୀକ୍ଷା ଦେବାକୁ ଚୟନ କରାଯାଇଥିଲା । କିନ୍ତୁ ୨୫ ଜଣ ଆସି ନ ଥିଲେ । ଏମଏନ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା । ଏବିଇଓ ଚନ୍ଦ୍ରଭାନୁ ମଲ୍ଲିକ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ । ସେହିପରି କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ଷଡଙ୍ଗୀ ପରୀକ୍ଷା ପରିଚାଳନା କରିଥିବା ବେଳେ ଏବିଇଓ ଗୋବିନ୍ଦ ଚନ୍ଦ୍ର ପରିଡା ପରୀକ୍ଷା ତଦାରଖ କରିଥିଲେ । ସହକାରୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସାମନ୍ତରାୟ ଦୁଇଟି ଯାକ ପରୀକ୍ଷା କେନ୍ଦ୍ରର ତଦାରଖ ଦାୟିତ୍ୱରେ ଥିଲେ ।

# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

**ଆଳି,୧୮।୮(ଡି.ଏନ୍.ଏ.)**

ଆଳି ଥାନା ଅନ୍ତର୍ଗତ ବାଳକାଟି ଗ୍ରାମପଞ୍ଚାୟତର ବଡଆଙ୍କୋ ଗ୍ରାମରେ ଏକ ବଧୂହତ୍ୟା ହୋଇଥିବା ନେଇ ଶୁକ୍ରବାର ଆଳି ଥାନାରେ ଅଭିଯୋଗ ହୋଇଛି । ସେ ହେଲେ ଥାନା ଅନ୍ତର୍ଗତ କେନାଙ୍ଗ ଗ୍ରାମର ନିରଞ୍ଜନ ସାମଲଙ୍କ ସାନ ଝିଅ ଦୀପମାଳା ସାମଲ। ଏନେଇ ନିରଞ୍ଜନ ଥାନାରେ ଶାଶୁଘର ବିରୋଧରେ ଅଭିଯୋଗ କରିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଅଭିଯୋଗ ଅନୁଯାୟୀ, ୨୦୧୭ ଜୁଲାଇ ୨ରେ ସାନ ଝିଅ ଦୀପମାଳା ବଡଆଙ୍କୋ ଗ୍ରାମର ସହଦେବ ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । ବିବାହ ସମୟରେ ବରଘରର ଦାବି ମୁତାବକ ୫୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ବିବାହର ମାସେ ପରେ ଶାଶୁଘର ପକ୍ଷରୁ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଦାବିକରି ଦୀପମାଳାଙ୍କୁ ନିର୍ଯାତନା ଦିଆଯାଇଥିଲା। ଖବରପାଇ ବାପା ଘର ଲୋକେ ଶାଶୁଘର ଲୋକଙ୍କୁ ବୁଝାଶୁଝା କରିଥିଲେ। ୨ ମାସ ପୂର୍ବେ ଶାଶୁଘର ଲୋକେ ତାଙ୍କୁ ଘରୁ ତଡି ଦେବାକୁ ଉଦ୍ୟମ କରିଥିଲେ। ମାତ୍ର ଦୀପାମାଳା ଘର ନ ଛାଡିବାରୁ ତାଙ୍କୁ ଅଧିକ ନିର୍ଯାତନା ଦିଆଯାଇଥିଲା। ଗତ ୫ ଦିନ ପୂର୍ବରୁ ସ୍ୱାମୀ ତାଙ୍କୁ ଧମକଚମକ ଦେଇ କିଛିଦିନ ପାଇଁ ଆଳି ବାହାରକୁ ଯାଇଥିଲେ। ଏହି ସମୟରେ ଗତ ୧୪ ତାରିଖ ରାତିରେ ଶାଶୁ ଘର ଲୋକେ ତାଙ୍କୁ ମାଡ ମାରିବା ସହ ବିଷ ପିଆଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଛାଡି ଚାଲିଯାଇଥିଲେ। ଖବରପାଇ ବାପ ଘର ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି କଟକ ନେଇଯାଇଥିଲେ। କଟକର ଏକ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ଦୀପମାଳାଙ୍କ ମୃତ୍ୟୁ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା ନଂ –୧୧୫/୧୮ ରୁଜୁ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ଆଳି ପୋଲିସ ଅଭିଯୁକ୍ତ ସ୍ୱାମୀ ଜିତେନ୍ଦ୍ର ସାହୁ,ଦେଢଶୁର ସୁରେଶ ସାହୁ ଓ ଶାଶୁ ସରସ୍ୱତୀ ସାହୁଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୯।୮।୨୦୧୮ (ରବିବାର)**

■ ଜିଲା କଂଗ୍ରେସର ସଦ୍‌ଭାବନା ଦିବସ
**ସ୍ଥାନ–** ଜିଲା କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୯ଟା

■ **ମୋ ସ୍କୁଲ କାର୍ଯ୍ୟକ୍ରମ**
**ସ୍ଥାନ–** ମାର୍ଶାଘାଇ ସରକାରୀ ହାଇସ୍କୁଲ, ମାର୍ଶାଘାଇ
**ସମୟ–** ପୂର୍ବାହ୍ନ ୧୦ଟା

**୨୦।୮।୨୦୧୮ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର
**ସ୍ଥାନ–** ଗରଦପୁର ବ୍ଲକ କାର୍ଯ୍ୟାଳୟ
**ସମୟ–** ପୂର୍ବାହ୍ନ ୧୦.୩୦ ମିନିଟ

**୨୨।୮।୨୦୧୮ (ବୁଧବାର)**

■ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର
**ସ୍ଥାନ–** ସୁନାଇଲୋ, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୭ଟା

■ ଶ୍ରୀ ବଳଦେବ ଜୀଉ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ
**ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା
**ସମୟ–** ସନ୍ଧ୍ୟା ୬ଟା

■ ଶ୍ରୀ ଗୋବିନ୍ଦଜୀଉ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ
**ସ୍ଥାନ–** ଗଣାମାହାଲ, କେନ୍ଦ୍ରାପଡା
**ସମୟ–** ସନ୍ଧ୍ୟା ୬ଟା

■ ଇଦ୍ ଯୁହା ପାଇଁ ସମୂହ ପ୍ରାର୍ଥନା
**ସ୍ଥାନ–** ସଲଫିଆ ଇଦ୍‌ଗାହ ପଡିଆ, କେନ୍ଦ୍ରାପଡା ସହର
**ସମୟ–** ପୂର୍ବାହ୍ନ ୮ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୬୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀ।

**ଡେରାବିଶ,୧୮।୮(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ଟାଏକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ ଶନିବାର ଡେରାବିଶ ବ୍ଲକ ଅଧୀନସ୍ଥ ଗୁଆଳସିଂଠାରେ ଥିବା କେନ୍ଦ୍ରାପଡା ପବ୍ଲିକ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ଶିବିରରେ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ୧୨୫ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି । ରବିବାର ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରକୁ ପବ୍ଲିକ ସ୍କୁଲ ମୁଖ୍ୟ ପରିଚାଳକ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ସୁନ୍ଦରମଣି ପଟେଲ୍, ମୀର ଅଞ୍ଜର ଅଲ୍ଲୀ, ଜିଲା ଆସୋସିଏଶନ ସଭାପତି ଭବାନୀ ପ୍ରସାଦ ଓଝା, ସମ୍ପାଦକ ଦୈତାରୀ ବେହେରା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି । ଜିଲା ଆସୋସିଏଶନର କର୍ମକର୍ତ୍ତା ଶ୍ରୀୟା ରୟ ପରିଚାଳନାରେ ସହଯୋଗ କରୁଛନ୍ତି ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ପାଟକୁରା,୧୮।୮(ଡି.ଏନ୍.ଏ.)**

ଗରଦପୁର ବ୍ଲକ ସଭାଗୃହରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧରଣୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ମହାନ୍ତି, ମହିଳା ଶିଶୁ ବିକାଶ ଅଧିକାରିଣୀ ସଞ୍ଜୁବାଳା ବେହେରା ଓ ସୁପରଭାଇଜର କବିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ୧୭୪ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟରତ କର୍ମୀମାନଙ୍କୁ ଏହି ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ପୂର୍ବରୁ ଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ବିଜୁ କୃଷକ ଯୋଜନାର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବ। ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ଚିକିତ୍ସା ନିମନ୍ତେ ୭ ଲକ୍ଷ ଓ ପୁରୁଷଙ୍କ ନିମନ୍ତେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ବହନ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ଅଙ୍ଗନୱାଡି କର୍ମୀମାନେ ହିତାଧିକାରୀ ଚୟନବେଳେ ଯେପରି ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ନ ଦିଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା।


ଶିବିରରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀମାନେ

## ସଂକ୍ଷେପରେ

### ଅଟୋ ଧକ୍କାରେ ୬ ଆହତ

ବିରିଡ଼ି,୧୮।୮(ଡି.ଏନ.ଏ.): ବିରିଡ଼ି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ.୫୫ର ଦଳେଇଘାଇ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନ ୪.୩୦ରେ ଏକ ଅଟୋ ଅନ୍ୟ ଦୁଇଟି ଗାଡିକୁ ଧକ୍କା ଦେବା ଫଳରେ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, କଟକରୁ ଜଗତ୍‌ସିଂହପୁର ଅଭିମୁଖେ ଆସୁଥିବା ଅଟୋ(ନଂ.ଓଡି୦୨-ୱାଇ ୪୬୭୩)ର ଚାଳକ ଦ୍ରୁତ ଗତିରେ ଆସି ପ୍ରଥମେ ଜଗତସିଂହପୁରରୁ କଟକ ଯାଉଥିବା ଏକ ମହେନ୍ଦ୍ରା ଅଟୋକୁ ଧକ୍କା ଦେଇଥିଲେ। ଏହା ପରେ ହାଜିପୁରରୁ କଟକ ଯାଉଥିବା ଅନ୍ୟ ଏକ ଅଟୋ(ନଂ.ଓଡି୨୧-ଡି୯୦୩୧)କୁ ଧକ୍କା ଦେବାରୁ ତାହା ନିକଟସ୍ଥ ବିଲ ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାରେ ମହେନ୍ଦ୍ରା ଅଟୋଟି ବିଶେଷ କ୍ଷତିଗ୍ରସ୍ତ ହୋଇ ନ ଥିବାର ସେଥିରେ ୩ ଜଣ ଆହତ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ଦୁର୍ଘଟଣାରେ ଆହତ ଜଗତ୍‌ସିଂହପୁର ଷଣ୍ଢପୁର ଗ୍ରାମର ନୃସିଂହ ବେହେରା, ଶକ୍ତି ବେହେରା ଓ ଅଞ୍ଜନ ବେହେରାଙ୍କୁ ବିରିଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ନୃସିଂହଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସେଠାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ନିୟନ୍ତ୍ରଣ ବାହାରକୁ ଗଲାଣି ଡେଙ୍ଗୁ

# ରୋଗୀ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ, ୬୨ଜଣଙ୍କୁ ଜ୍ୱର

ଏରସମା,୧୮।୮(ସ୍ୱ.ପ୍ର.)

ଏରସମା ବ୍ଲକ କୁଞ୍ଜକୋଠି ପଞ୍ଚାୟତର କନାଗୁଳି ଗ୍ରାମରେ ଡେଙ୍ଗୁ ରୋଗ କ୍ରମଶଃ ନିୟନ୍ତ୍ରଣ ବାହାରକୁ ଯିବାରେ ଲାଗିଛି। ୩ ଦିନ ତଳେ ଏହି ଗ୍ରାମରେ ୩୭ ଜଣ ଜ୍ୱରରେ ପୀଡିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କ ଦେହରେ ଡେଙ୍ଗୁ ପଜେଟିଭ୍ ଚିହ୍ନଟ ହୋଇଥିଲା। ଏବେ ଏହି ଗ୍ରାମରେ ୬୨ ଜଣ ଜ୍ୱରରେ ପୀଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ଡେଙ୍ଗୁରେ ପୀଡିତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଶନିବାର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏହି ଗ୍ରାମକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ଜେନା ମଧ୍ୟ ଗ୍ରାମକୁ ଯାଇ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହିତ କିପରି ରୋଗ ନିୟନ୍ତ୍ରଣ ହେବ ସେ ସମ୍ପର୍କରେ ଡା. ପ୍ରମୋଦ କୁମାର ନାୟକଙ୍କ ସହ ଆଲୋଚନା କରିଛନ୍ତି। ମଶା ଘଉଡାଇବା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ଗ୍ରାମରେ ଧୂଆଁ ଦିଆଯାଇଛି। ବିଶେଷକରି କନାଗୁଳିର ତାଳପଡ଼ା,



ଜିଲା ପରିଷଦ ସଭ୍ୟ ଓ ଅନ୍ୟମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଗଗେଡିପଡା, କନାଗୁଳିପଡା, ବଗପଡା, ଗୌରଚଣ୍ଡିପଡା, କୁଞ୍ଜକୋଠି ପଞ୍ଚାୟତର ନଳପାହୀ, କଣ୍ଟାବେଲାରୀ, ବାଲିତୁଠ, ଖୁରନ୍ତ ହାଟପଡା, ସହିଲପଡାରେ ଧୂଆଁ ଦିଆଯାଇଛି। ଡାକ୍ତରୀ ଦଳ ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି। ତେବେ ଜ୍ୱର କମୁ ନ ଥିବାରୁ ଲୋକେ ଭୟଭୀତ ହୋଇପଡିଲେଣି।

- ମଶା ଘଉଡାଇବାକୁ ଧୂଆଁ ଦେଲା ପ୍ରଶାସନ
- ପରିସ୍ଥିତି ଅନୁଧ୍ୟାନ କଲେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ

ସୂଚନାଯୋଗ୍ୟ, ଗଣେଶ ସ୍ୱାଇଁ(୭), ବିକାଶ ଜେନା(୧୨), ଆନିଷା ଦାସ(୬) ପ୍ରମୁଖ ଶିଶୁଙ୍କ ସମେତ ନୃସିଂହ ପାତ୍ର, ଏକାଦଶୀ ପାତ୍ର, ଭାରତୀ ସ୍ୱାଇଁ, ଟିକିନା ଜେନା, କାଳିଆ ଖଟୁଆ, ଅରକ୍ଷିତ ବିଶ୍ୱାଳ ପ୍ରମୁଖ ଡେଙ୍ଗୁ ଜ୍ୱରରେ ପୀଡିତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅରୁଣ କୁମାର ସ୍ୱାଇଁ, କରୁଣା ନାୟକ, କୈଳାସ ଖୁଣ୍ଟିଆ, କୁଞ୍ଜ ବାରିକ, ଉତ୍ତମ ଦାସ ପ୍ରମୁଖ ଦାବି କରିଛନ୍ତି।

# ପ୍ରକୃତ ବ୍ୟବସାୟୀଙ୍କୁ ପିଣ୍ଡି ଆବଣ୍ଟନ ଦାବି

## ପରିବା ବ୍ୟବସାୟୀ ସଂଘର ବଜାର ବନ୍ଦ ଡାକରା

କୁଜଙ୍ଗ,୧୮।୮(ସ୍ୱ.ପ୍ର.)

କୁଜଙ୍ଗ ବଜାର ପରିବା ମାର୍କେଟ ପକ୍ଷରୁ ରବିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଜାର ବନ୍ଦ ଘୋଷଣା କରାଯାଇଛି। ବଜାର ଭିତରେ ପ୍ରଶାସନ ପକ୍ଷରୁ ନିର୍ମିତ ପିଣ୍ଡି ପ୍ରକୃତ ବ୍ୟବସାୟୀଙ୍କୁ ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଏନେଇ ଶନିବାର ପରିବା ବ୍ୟବସାୟୀ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲାପାଳ, ଏସ୍‌ପି, ଥାନା ଅଧିକାରୀଙ୍କ ସମେତ ସ୍ଥାନୀୟ ବିଧାୟକ ଓ ଏମପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କୁଜଙ୍ଗ ଆଖଣ୍ଡଳମଣି ପରିବା ବ୍ୟବସାୟୀ ସଂଘର ଶତାଧିକ ବ୍ୟବସାୟୀ କୁଜଙ୍ଗ ବଜାର ମଧ୍ୟରେ ଅନେକ ବର୍ଷ ଧରି ବ୍ୟବସାୟ କରିଆସୁଛନ୍ତି। ପରିବା ବଜାର ଉତ୍ତର ପାର୍ଶ୍ୱରେ ୨୦୦୩ରେ ପ୍ରଶାସନ ପକ୍ଷରୁ ୧୯ ବଖରା ବିଶିଷ୍ଟ ପିଣ୍ଡି ନିର୍ମାଣ ହୋଇଥିଲା। ସେଠାରେ ସ୍ଥାନୀୟ ପରିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ବିଭିନ୍ନ ସମୟରେ ପ୍ରଶାସନ, ଜନପ୍ରତିନିଧିମାନେ କହିଆସିଛନ୍ତି। ଏପରିକି ପରିବା ବ୍ୟବସାୟୀମାନେ ୨୦୦୯ ରେ ବ୍ଲକ ପ୍ରଶାସନର ଆହ୍ୱାନ କ୍ରମେ ପିଣ୍ଡି ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ୧ ହଜାର ଟଙ୍କା ଲେଖାଏ ଦେଇଥିଲେ। ବର୍ତ୍ତମାନ ହାଇକୋର୍ଟରେ ଏହି ମାମଲା ରହିଥିବାବେଳେ ପ୍ରଶାସନ ପିଣ୍ଡି ମରାମତି ଏବଂ ନବୀକରଣ କାର୍ଯ୍ୟ ଚଳାଇଛି। ପ୍ରଭାବଶାଳୀ ବ୍ୟବସାୟୀ ଓ ଠିକାଦାରଙ୍କୁ ଏସବୁ ପିଣ୍ଡି ପ୍ରଦାନ ପାଇଁ ଯୋଜନା ଚାଲିଥିବା ପରିବା ବ୍ୟବସାୟୀ ସଂଘ ଅଭିଯୋଗ କରିଛି। ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନ କ୍ଷେତ୍ରରେ ବିସ୍ଥାପିତ ବ୍ୟବସାୟୀମାନେ ସର୍ବଦା ପ୍ରତାରିତ ହୋଇଆସୁଛନ୍ତି। ତେଣୁ ଏଥର ମଧ୍ୟ ସେଭଳି ଘଟିବା ଆଶଙ୍କାରେ ଆଖଣ୍ଡଳମଣୀ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଶନିବାର ଏକ ବୈଠକ ଡକାଯାଇଥିଲା। ପିଣ୍ଡି ନ ମିଳିଲେ ତୀବ୍ର ଆନ୍ଦୋଳନ ହେବ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା। ତେଣୁ ପିଣ୍ଡି ନ ମିଳିବା ପର୍ଯ୍ୟନ୍ତ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସଙ୍ଘ ସଭାପତି ଶିଶିର କୁମାର ନାୟକ କହିଛନ୍ତି। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ବିଧାୟକ ଦାମୋଦର ରାଉତଙ୍କୁ ଭେଟି ଅଭିଯୋଗ କରିଥିବା ଜଣାପଡିଛି। ବୈଠକରେ ବାବାଜୀ ବାରିକ, ସୋମନାଥ ନାଥ, ଗୋପୀ ରାଉତ, କ୍ଷୀରୋଦ କୁମାର ନାଥ, ବସନ୍ତ ସାହୁ, ଭ୍ରମର ପରିଡ଼ା, କାଳନ୍ଦୀ ସାହୁ, ବାମଦେବ ଦାସ, ନରହରୀ ଦାସ, ବିଜୟ କୁମାର ପରିଡ଼ା, ନିତ୍ୟାନନ୍ଦ ସ୍ୱାଇଁ, ଜଗବନ୍ଧୁ ଦାସ, କୃଷ୍ଣ ପ୍ରଧାନ, ସୁଧୀର କୁମାର ପଣ୍ଡା ପ୍ରମୁଖ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

## ୩ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ପାରାଦୀପ,୧୮।୮(ସ୍ୱ.ପ୍ର.)

ପାରାଦୀପ ପୌର ପରିଷଦର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଶନିବାର ଜିଲାପାଳ ୟାମିନୀ ଷଡଙ୍ଗୀ ସମୀକ୍ଷା କରିଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ପୌର ପରିଷଦକୁ ମିଳିଥିବା ୪କୋଟି ଟଙ୍କାର ପ୍ରକଳ୍ପକୁ ଶୀଘ୍ର ସାରିବା ପାଇଁ ଏହି ଅବସରରେ ଜିଲାପାଳ ଷଡଙ୍ଗୀ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ୨ମାସ ତଳେ ରାଜ୍ୟ ସରକାର ରାଜ୍ୟର ସମସ୍ତ ପୌର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପାଣ୍ଠି ମଞ୍ଜୁର କରିଛନ୍ତି। ପୌରାଞ୍ଚଳର ୱାର୍ଡ ପାଇଁ ୨୫ଲକ୍ଷ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ପାଇଁ ୧୦ ଲକ୍ଷ ଟଙ୍କା ଦିଆଯାଇଛି। ଏହି କ୍ରମରେ ପାରାଦୀପ ପୌର ପରିଷଦ ପାଇଁ ୪ କୋଟି ଟଙ୍କା ମିଳିଛି। ସେହି ଅର୍ଥରେ ୱାର୍ଡର ରାସ୍ତା, ଡ୍ରେନ୍, ପାନୀୟଜଳ ପ୍ରକଳ୍ପ ଆଦି କରାଯିବ। ଉକ୍ତ କାମ କେତେ ଆଗେଇଛି ଓ କେବେ ସରିବ ସେ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଆସନ୍ତା ୩ମାସ ମଧ୍ୟରେ ସେହି ଅର୍ଥରେ ହେଉଥିବା କାମ ସାରିବାକୁ ସେ କହିଛନ୍ତି। ବୈଠକରେ ଜିଲାର ବିଭିନ୍ନ ପ୍ରଶାସନିକ ଅଧିକାରୀ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ପରେ ସେହି ଅଧିକାରୀମାନେ ବିଜ୍ଞାନ ପାର୍କର ଉନ୍ନତିକରଣ କାର୍ଯ୍ୟ ଦେଖିଥିଲେ।

# ଭୂତ ଭୟ : ନୂଆଗଡ଼ରୁ ନୟାଗଡ଼ ଦୌଡୁଛନ୍ତି ଲୋକେ

ପାରାଦୀପ,୧୮।୮(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ନୂଆଗଡ଼ ଗ୍ରାମରେ ୪ ଦିନ ହେଲା ଭୂତ ଭୟ ଦେଖାଦେଇଛି। ଗ୍ରାମର କେତେଜଣ ଛାତ୍ରୀ ଓ ଯୁବତୀଙ୍କ ଦେହରେ ପ୍ରେତାତ୍ମା ସବାର ହେଉଥିବା କୁହାଯାଉଛି। ଏଥିଯୋଗୁ ସେମାନେ ଅସୁସ୍ଥ ହୋଇପଡିବା ସହ ବାଉଳି ହେଉଛନ୍ତି। ତେଣୁ ସେମାନଙ୍କ ପରିବାର ଲୋକଙ୍କ ଚିନ୍ତା ବଢିଯାଇଛି। ଭୟରେ ଛାତ୍ରୀମାନେ ଆଉ ସ୍କୁଲ ଯାଉନାହାନ୍ତି। ଭୂତ କଥା ପ୍ରଚାର ହେବା ପରେ କେତେଜଣ ଅଭିଭାବକ ଗୁଣିଆକୁ ଡାକି ଆଣି ଝଡ଼ାଫୁଙ୍କା କରୁଥିଲେ। କିନ୍ତୁ ଏହି କଥା ପ୍ରଘଟ ହୋଇଯିବା ପରେ ପୋଲିସ ପହଞ୍ଚି ଖୋଳତାଡ଼ କରିବାରୁ ଗ୍ରାମକୁ ଆଉ ଗୁଣିଆ ଆସୁନାହାନ୍ତି। ତେଣୁ ପରିବାର ଲୋକେ ପୀଡିତାଙ୍କୁ ଧରି ନୟାଗଡ଼ରେ ଥିବା ଗୁଣିଆଙ୍କ ପାଖକୁ ଯାଉଛନ୍ତି। ନୟାଗଡ଼ରୁ ଜଣେ ଝିଅ ସୁସ୍ଥ ହୋଇ ଫେରିବା ପରେ ଗ୍ରାମର ଅଧିକାଂଶ ଲୋକ ଏବେ ନୟାଗଡ଼ ଦୌଡୁଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବର ସଂଗ୍ରହ ପାଇଁ ଗ୍ରାମରେ ଗଣମାଧ୍ୟମ ପ୍ରତିନିଧି ଭିଡ଼ ଜମାଇଲେଣି। ସ୍କୁଲରେ ଛାତ୍ରୀଙ୍କ ଉପସ୍ଥାନ ହ୍ରାସ ପାଇବା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସମୀକ୍ଷା କରିଛନ୍ତି।

- ବିଦ୍ୟାଳୟରେ ଛାତ୍ରୀଙ୍କ ଉପସ୍ଥାନ ହ୍ରାସ
- ସ୍ଥିତି ସମୀକ୍ଷା କଲେ ଶିକ୍ଷା ଅଧିକାରୀ
- ଟ୍ରାନ୍ସଫର୍ମର ପୋଡି ଗାଁ ଅନ୍ଧାର

ଅନ୍ୟପକ୍ଷରେ ଟ୍ରାନ୍ସଫର୍ମର ପୋଡିଯିବାରୁ ଶନିବାର ଗାଁ ଅନ୍ଧାର ରହିଛି। ଗୋଟିଏ ପଟେ ଗ୍ରାମ ଅନ୍ଧାର ଓ ଅନ୍ୟପଟେ ଭୂତ ଭୟ ଲୋକଙ୍କୁ ଚିନ୍ତାରେ ପକାଇଛି। ତେଣୁ ଲୋକେ ରାତିରେ ଉଜାଗର ରହୁଛନ୍ତି। ଗୁଣିଆ ପାଖରେ ଜଣେ ପୀଡିତା ଗ୍ରାମର ଜଣେ ଲୋକଙ୍କ ନାମ କହିଥିବାରୁ ସମ୍ପୃକ୍ତ ବ୍ୟକ୍ତି ଶନିବାର ଗାଁରେ ଧମକ ଦେଇଛନ୍ତି। ଯେଉଁମାନେ ତାଙ୍କୁ ଏଥିପାଇଁ ଦାୟୀ କରୁଛନ୍ତି ସେମାନଙ୍କ ନାଁରେ ଥାନାରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି। ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବାରୁ ଲକ୍ ଥାନା ପୋଲିସ ପକ୍ଷରୁ ନୂଆଗଡ଼ରେ ପାଟ୍ରୋଲିଂ କରାଯାଉଛି।

# ଓଲରା ଗୁଳିକାଣ୍ଡ: ଆଉ ଜଣେ ଗିରଫ

ଏରସମା,୧୮।୮(ସ୍ୱ.ପ୍ର.)

ଏରସମା ଥାନା ପଦ୍ମପୁର ପଞ୍ଚାୟତସ୍ଥିତ ଓଲରା ମାଛ ଗଦିରେ ଦାଦାବଟିକୁ ନେଇ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଶୁକ୍ରବାର ରାତିରେ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଆଳିକଣା ଗ୍ରାମର ସାଗର ମଲ୍ଲିକ। ପ୍ରକାଶ ଯେ, ୨ ମାସ ତଳେ ୧୨ ଜଣ ଯୁବକ ଏକ ମାଛ ଦୋକାନକୁ ଆସି ଦାଦାବଟି ମାଗିଥିଲେ। କିନ୍ତୁ ଦୋକାନ ମାଲିକ ଟଙ୍କା ନ ଦେବାରୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ ମାଛ ଦୋକାନରେ କାମ କରୁଥିବା ପିଲାଙ୍କୁ ମାଡ଼ ମାରିଥିଲେ ଓ ଦୋକାନ ଭଙ୍ଗାରୁଜା କରିଥିଲେ। ପାଟି ଶୁଣି ଲୋକେ ଆସିଯିବାରୁ ସେମାନେ ଫାଙ୍କା ଗୁଳି ଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୋକାନ ମାଲିକ ରମାକାନ୍ତ ମଣ୍ଡଳ ଥାନାରେ ଅଭିଯୋଗ କରିବା ପରେ ଏନେଇ ମାମଲା ନଂ.୯୨/୧୮ ରୁଜୁ ହୋଇଥିଲା। ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ରାତିରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତ ମଲ୍ଲିକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।




# ସରକାରୀ କାର୍ଯ୍ୟକ୍ରମ ପାଇଁ ଚାନ୍ଦା ଆଦାୟ ଘଟଣାର ପ୍ରଶାସନିକ ତଦନ୍ତ

## ଅଙ୍ଗନୱାଡି କର୍ମୀମାନଙ୍କ ବୟାନ ରେକର୍ଡ

ରଘୁନାଥପୁର, ୧୮।୮ (ଡି.ଏନ.ଏ.)

ରଘୁନାଥପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଥିବା ସରକାରୀ କାର୍ଯ୍ୟକ୍ରମ ଆମ ଗାଁ ଆମ ବିକାଶ ପାଇଁ ୧୪୫ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କଠାରୁ ଦେଢ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ ସମ୍ପର୍କରେ ଭାଜପା ନେତା ରମାକାନ୍ତ ଭୋଇଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାଛଡା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ଜେନା ଓ ଜିଲା ପରିଷଦ ସଭ୍ୟ ଅଶୋକ ମହାରଣାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଉକ୍ତ ଦାବି ନେଇ ଆଇସିଡିଏସ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କ ବିରୋଧରେ ଜୁଲାଇ ୨୮ରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏକ ପ୍ରଶାସନିକ ତଦନ୍ତ କରାଯାଇଛି। ଡିଏସ୍‌ଡବ୍ଲୁଓ ଜୟନ୍ତୀ ବେହେରା, ଏଡିଏସ୍‌ଡବ୍ଲୁଓ ମାଧବାନନ୍ଦ ମଲ୍ଲିକ ଓ ତହସିଲଦାର ମାନସ କୁମାର ତ୍ରିପାଠୀ, ୧୫ ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କଠାରୁ ଏ ସମ୍ପର୍କରେ ବୟାନ ରେକର୍ଡ କରିଛନ୍ତି। ତଦନ୍ତ ସମୟରେ ଅଭିଯୋଗକାରୀ ଭାଜପା ନେତା ଭୋଇ ଓ ଜିଲାପରିଷଦ ସଭ୍ୟ ମହାରଣା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ବୟାନ ରେକର୍ଡ ସମୟରେ ୧୪ ଜଣ କର୍ମୀ ଆମ୍ଭକୁ କୌଣସି ଚାନ୍ଦା ମଗାଯାଇ ନ ଥିବା ଏବଂ ଆମ୍ଭେ କାହାକୁ ଚାନ୍ଦା ଦେଇନୁ ବୋଲି ମତ ରଖିଥିବା ବେଳେ ଜଣେ କର୍ମୀ ଏହା ସ୍ୱୀକାର କରିଥିଲେ। ସ୍ୱୀକାର କରିଥିବା କର୍ମୀ ସବିଶେଷ ତଥ୍ୟ ରଖି ପାରି ନ ଥିବା ଅଧିକାରୀ ତଥା ତହସିଲଦାର ତ୍ରିପାଠୀ ପ୍ରକାଶ କରିଥିଲେ। ପୁନର୍ବାର ଆଉ ଥରେ ସେଣ୍ଟର ୱାଇଜ ତଦନ୍ତ କରାଯିବାର ଆବଶ୍ୟକତା ରହିଥିବାରୁ ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ତଦନ୍ତ କରାଯିବ ବୋଲି ତହସିଲଦାର ତ୍ରିପାଠୀ ପ୍ରକାଶ କରିଥିଲେ। ଏହି ତଦନ୍ତ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଅଧିକାରୀଗଣ କହିଥିଲେ। ତଦନ୍ତ ସମ୍ପର୍କରେ କେତେଜଣ ଅଙ୍ଗନୱାଡି କର୍ମୀଙ୍କୁ ଘଟଣାର ସତ୍ୟତା ସମ୍ପର୍କରେ ପଚାରିବାରେ କେତେକ ଖଳ ପ୍ରକୃତିର ଲୋକ ସିଡିପିଓଙ୍କୁ ବଦନାମ କରିବାକୁ ହୀନ ଚକ୍ରାନ୍ତ କରିଥିବା ପ୍ରକାଶ କରିଥିଲେ। ଆବଶ୍ୟକସ୍ଥଳେ ଏହି ବ୍ଲକ ଅଧୀନରେ ଥିବା ସମସ୍ତ କର୍ମୀ ଓ ସହାୟିକା ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମତ ରଖିଥିଲେ। ଅନ୍ୟପକ୍ଷରେ ଚାକିରିର ଭୟ ଦେଖାଯାଇଥିବାରୁ ସତ୍ୟତାକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୯ ଅଗଷ୍ଟ, ୨୦୧୮



"ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

- ଭାଜପା କର୍ମକର୍ତ୍ତା ବୈଠକ। ସ୍ଥାନ- ଅନ୍ଧାରୀ ପଞ୍ଚାୟତର କିଆପଦା ଗ୍ରାମ। ସମୟ- ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା। ସ୍ଥାନ- ଛତିଆ ଯାତ୍ରୀ ବିଶ୍ରାମ ଗାର। ସମୟ- ଅପରାହ୍ନ ୪ଟା

## ସଂକ୍ଷେପରେ

### ବହିଘର ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର,୧୮।୮(ସ୍ୱ.ପ୍ର):** ରିକୁ ମେମୋରିଆଲ ଟ୍ରଷ୍ଟ ବରଦା ଆନୁକୂଲ୍ୟରେ ସାହାସପୁର ମହାବିଦ୍ୟାଳୟ ପରିସରରେ ଗୁରୁବାର ବହିଘର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବାଚସ୍ପତି ଶରତ କର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ଅଧକ୍ଷ ପ୍ରାଧାପକ ରବୀନ୍ଦ୍ର କୁମାର ସାମଲଙ୍କ ପୁତ୍ର ଉନ୍ମେଶ ଶେଖରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୀତ ତାପ ନିୟନ୍ତ୍ରିତ ବହି ଘର ରିକୁ ମେମୋରିଆଲ ଟ୍ରଷ୍ଟ ମହାବିଦ୍ୟାଳୟରେ ସ୍ଥାପନ କରାଯାଇଛି। ଏହି ଘର ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଯଥା ସମ୍ଭବ ସହଯୋଗ କରିବ ବୋଲି ମେମୋରିଆଲ ଟ୍ରଷ୍ଟର ସଦସ୍ୟା ବିଦ୍ୟୁତଲତା ପ୍ରଧାନ ଏବଂ ସଦସ୍ୟ ସୁନିଲ ଭୂୟାଁ ମତବ୍ୟକ୍ତ କରିଥିଲେ। ପ୍ରକାଶ ଯେ, ଏହି ଟ୍ରଷ୍ଟ ଦ୍ୱାରା କେନ୍ଦ୍ରାପଡ଼ା ମହାବିଦ୍ୟାଳୟ, ଏରକଣା ମହାବିଦ୍ୟାଳୟ, ମହାପୁରଷ ହାଡ଼ିଦାସ ମହାବିଦ୍ୟାଳୟ ଛତିଆଠାରେ ପୂର୍ବରୁ ବହିଘର ନିର୍ମାଣ କରାଯାଇଛି।

### ବ୍ୟାପୁଛି ଝାଡ଼ାବାନ୍ତି: ୭ଦିନରେ ୧୨୦ ଆକ୍ରାନ୍ତ

**ଯାଜପୁର ରୋଡ଼,୧୮।୮(ନି.ପ୍ର):** ବ୍ୟାସନଗର ପୌରାଞ୍ଚଳ ଓ କୋରେଇ ବ୍ଲକରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୭ଦିନ ମଧରେ ୧୨୦ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନେ ଯାଜପୁର ରୋଡ଼ ଓ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ୧୫ଜଣ ଚିକିତ୍ସାଧୀନ ଅଛନ୍ତି। ଯାଜପୁର ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ପାଇଁ ସ୍ୱତନ୍ତ୍ର ୱାର୍ଡ଼ ନ ଥିବାରୁ ଅନେକ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି।

### ଗୋରୁ ବନ୍ଧାକୁ କେନ୍ଦ୍ରକରି ମାରପିଟ, ଜଣେ ଆହତ

**କୋରେଇ,୧୮।୮(ସ୍ୱ.ପ୍ର):** କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁର ଗ୍ରାମର ମହୁରିଆ ସାହିରେ ଗୋରୁ ବନ୍ଧାକୁ କେନ୍ଦ୍ରକରି ଶନିବାର ୨ ଜଣଙ୍କ ମାରପିଟ ହୋଇଥିବା ଜଣାପଡିଛି । ଶରତ ମଳିକ ତାଙ୍କ ବାଡିରେ ଗୋରୁ ବାନ୍ଧିଥିବାବେଳେ ତାଙ୍କ ସାହିର ଜଗନ୍ନାଥ ଯେନା ଏହାକୁ ବିରୋଧ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧରେ ମାଡ଼ପିଟ ହୋଇଥିଲା । ଫଳରେ ଜଗନ୍ନାଥ ଆହତ ହୋଇଥିଲେ। ତାଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଉଭୟଙ୍କ ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଛି।

## ■ସଂରକ୍ଷଣ ଆସନ ଉପରେ ମାମଲା ପ୍ରସଙ୍ଗ

# ଚିନ୍ତାରେ ଆଶାୟୀ ପ୍ରାର୍ଥୀ

**ଦଶରଥପୁର,୧୮।୮(ଡିଏନ୍ଏ)**

**ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ**

- ■୫୧ ବର୍ଷ ଧରି ସଂରକ୍ଷିତ ରହିଆସୁଥିଲା ଏହି ନିର୍ବାଚନ ମଣ୍ଡଳୀ
- ■ଆଶଙ୍କା ବଢ଼ାଇଛି ହାଇକୋର୍ଟରେ ମାମଲା
- ■ସଂରକ୍ଷଣ ଉଠିଲେ ବଦଳିବେ ଆଶାୟୀ ପ୍ରାର୍ଥୀ

ପାଖେଇଲାଣି ବିଧାନସଭା ନିର୍ବାଚନ। ଏହି ନିର୍ବାଚନକୁ ଆଖିଆଗରେ ରଖି ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ତେବେ କ୍ଷେତ୍ର ସଜାଡ଼ିବା ଲାଗି ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଏବେଠାରୁ ଆରମ୍ଭ ହୋଇଗଲାଣି ଅଙ୍କକଷା। ୧୯୬୭ ମସିହା ପରଠାରୁ ବିଞ୍ଝାରପୁର ନିର୍ବାଚନମଣ୍ଡଳୀଟି ସଂରକ୍ଷିତ ରହିଆସିଥିବା ବେଳେ ୨୦୧୯ରେ ହେବାକୁ ଥିବା ନିର୍ବାଚନରେ ଉକ୍ତ ଆସନଟି ସଂରକ୍ଷଣ ରହିବ କି ନାହିଁ ସେ ନେଇ ଶଙ୍କା ସୃଷ୍ଟି ହେବା ସହ ଆଶାୟୀ ପ୍ରାର୍ଥୀ ଓ କର୍ମୀଙ୍କ ମନରେ ଛନକା ବଢ଼ିବାରେ ଲାଗିଛି।

ସୂଚନା ଯେ, ୧୯୫୧ ମସିହାରୁ ୧୯୬୧ ପର୍ଯ୍ୟନ୍ତ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀଟି ସାଧାରଣ ବର୍ଗରେ ଅନ୍ତର୍ଭୁକ୍ତ ଥିବାବେଳେ ୧୯୬୭ ପରଠାରୁ ଉକ୍ତ ଆସନ ସଂରକ୍ଷିତ ରହିଆସୁଛି। ଦୀର୍ଘବର୍ଷ ଧରି ଏହି ନିର୍ବାଚନମଣ୍ଡଳୀର ଆସନ କ୍ଷେତ୍ରରେ ପରିବର୍ତ୍ତନ କରାଯାଉ ନ ଥିବା କାରଣରୁ ଉକ୍ତ ନିର୍ବାଚନ ମଣ୍ଡଳୀର ଅଜପା ଦାସ ନମକ ଜଣେ ବ୍ୟକ୍ତି କିଛିମାସ ତଳେ ଉଚ୍ଚ ନ୍ୟାୟାଳୟ(ଓଡ଼ିଶା)ଙ୍କ ପାଖରେ ନିର୍ବାଚନ ମଣ୍ଡଳୀର ସଂରକ୍ଷଣ ଆସନକୁ ପରିବର୍ତ୍ତନ କରାଯିବା ନେଇ ମାମଲା କରିଛନ୍ତି। ଉଚ୍ଚ ନ୍ୟାୟାଳୟ କିଛିଦିନ ତଳେ ଏହି ମାମଲା ଉପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଏହା ଉପରେ ନୋଟିସ୍ କରିବା ସହ କାଗଜପତ୍ର ଦାଖଲ ଓ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତେଣୁ ଏହି ଆସନ ସଂରକ୍ଷଣ ଉପରେ ପରିବର୍ତ୍ତନ କରାଯିବା ନେଇ ସମ୍ଭାବନା ଦେଖାଦେଇଛି। ହାଇକୋର୍ଟରେ ଏ ନେଇ ମାମଲା ହେବା ପରେ ଏହି ନିର୍ବାଚନମଣ୍ଡଳୀରୁ ୫ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ପ୍ରମିଳା ମଲ୍ଲିକଙ୍କ ଚିନ୍ତା ବଢ଼ି ଯାଇଥିବା ରାଜନୀତିଜ୍ଞମାନେ ମତପୋଷଣ କରିଛନ୍ତି। ୨୦୦୦ ନିର୍ବାଚନ ପରଠାରୁ ବିଜେଡିକୁ ଲଗାତର ଭାବେ ୪ଥର ବିଧାୟକ ଆସନ ମିଳିସାରିଛି। ପ୍ରମିଳା ସେବେଠାରୁ ଆସନଟିକୁ ନିଜ ଦଖଲରେ ରଖିଆସୁଥିବା ବେଳେ ଏଥର ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବା ଆଶଙ୍କାରେ ସେ ଚିନ୍ତିତ ହୋଇପଡ଼ିଥିବା କୁହାଯାଉଛି। ଏହି ନିର୍ବାଚନ ମଣ୍ଡଳୀର ଭୋଟର, ନେତା, କର୍ମୀ ସମସ୍ତେ ଆଶା ଆଶଙ୍କାରେ ଥିବାବେଳେ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସମସ୍ତେ ଅଦାଲତଙ୍କ ରାୟକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଆଗାମୀ ନିର୍ବାଚନରେ ବିଜେଡି ପ୍ରମିଳାଙ୍କୁ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ଥିବାବେଳେ ଭାଜପାରୁ ପ୍ରାର୍ଥୀ ହେବା ନେଇ ଆଶାୟୀଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିବା ଶୁଣାଯାଉଛି। କିଛିଦିନ ତଳେ କଂଗ୍ରେସରୁ ଡେଇଁ ଭାଜପା ଶିବିରରେ ଯୋଗ ଦେଇଥିବା ବବିତା ମଲ୍ଲିକ ଏଥର ଭାଜପାରୁ ବିଧାୟିକା ପ୍ରାର୍ଥୀ ହେବା ଲାଗି ଯୋରଦାର ପ୍ରୟାସ ଆରମ୍ଭ କରିଥିବା ଆଲୋଚନା ହେଉଛି। ସେହିପରି ୨୦୧୪ ନିର୍ବାଚନରେ ଲୋକସଭା ସାଂସଦ ଆସନ ଲାଗି ଭାଜପାରୁ ଛିଡା ହୋଇ ହାରିଥିବା ଅମିୟକାନ୍ତ ମଲ୍ଲିକ ମଧ ବିଞ୍ଝାରପୁର ଆସନରୁ ଲଢ଼ିବା ଲାଗି ଗୋଟି ଚାଳନା ଆରମ୍ଭ କରିଦେଇଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀର ଗତ ୪ ଥରର ନିର୍ବାଚନ ରେକର୍ଡକୁ ଅନୁଧ୍ୟାନ କଲେ ଏଠାରେ କଂଗ୍ରେସ ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଆସୁଥିବା ବେଳେ ଭାଜପାର ଭୋଟ କେବେ ବି ୪ଅଙ୍କ ଅତିକ୍ରମ କରିପାରି ନାହିଁ। ମାତ୍ର ଏଥର ତ୍ରିସ୍ତରୀୟ ନିର୍ବାଚନରେ ଭାଜପା ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଥିବାରୁ ତାହା ଆଶାୟୀ ପ୍ରାର୍ଥୀଙ୍କ ମନରେ ସମ୍ଭାବନା ସୃଷ୍ଟି କରିଛି। ଅପରପକ୍ଷେ ଦୀର୍ଘଦିନ ହେବ କଂଗ୍ରେସରେ ରହିଆସିଥିବା କନକଲତା ମଲ୍ଲିକ ପୂର୍ବରୁ ବିଞ୍ଝାରପୁର ବ୍ଲକ ଅଧକ୍ଷା ଭାବେ ବେଶ ଜଣାଶୁଣା ଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବା ସୁନିଶ୍ଚିତ ଥିବା କୁହାଯାଉଛି। କନକ ମଧ କଂଗ୍ରେସ ଦଳକୁ ପୁଣି ଥରେ ଶକ୍ତିଶାଳୀ କରି ବିଧାୟିକା ଆସନ ଅଳଙ୍କୃତ କରିବାକୁ ପୁରା ଦମ୍‌ରେ ଲାଗି ପଡିଛନ୍ତି। ଏସବୁ ପରେ ଯଦି ଏହି ନିର୍ବାଚନମଣ୍ଡଳୀରୁ ସଂରକ୍ଷଣ ଉଠିଯାଏ ତେବେ ଏଠାରେ ପ୍ରାର୍ଥିତ୍ୱକୁ ନେଇ ସବୁ ଓଲଟପାଲଟ ହୋଇପାରେ ବୋଲି ରାଜନୀତି ସମୀକ୍ଷକମାନେ ମତପୋଷଣ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରୁ ସଂରକ୍ଷଣ ଉଠିଗଲେ ବିଜେଡିର ପ୍ରଭାବଶାଳୀ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଟିକେଟ କଟା ନ ଯାଇପାରେ ସତ ମାତ୍ର ପ୍ରମିଳାଙ୍କୁ ଗାଦିଚ୍ୟୁତ କରାଇବା ଲାଗି ଭାଜପାର ଜିଲା ନେତା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଲାଗି ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ ବୋଲି ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

## ମଦ ମୁକ୍ତ ଅଭିଯାନ: ୧୦ ପଞ୍ଚାୟତରେ ଗ୍ରାମସଭା

**ବରୀ,୧୮।୮(ସ୍ୱ.ପ୍ର)**

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ବୁଧବାର ସ୍ୱାଧୀନତା ଦିବସରୁ ମଦ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଓଡିଶା ନିଶା ନିବାରଣ ଅଭିଯାନ ଓ ସମାଜ ଆନ୍ଦୋଳନ ଓଡିଶା ପକ୍ଷରୁ ମଦ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ଏ ନେଇ ବରୀ ବ୍ଲକର ୧୦ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ରମ୍ଭା, ଅରଙ୍ଗାବାଦ୍, କିମ୍ବିରିଆପାଳ, ମନ୍ଦାରୀ, ଇଶାଣପୁର, ସ୍ୱାଇଁଖଣ୍ଡ, ବରୀ, ଭର୍ଆଁରା, ଅନ୍ୟାସିପୁର ଓ କଳାମାଟିଆ ପଞ୍ଚାୟତରେ ସରପଞ୍ଚଙ୍କ ସଭାପତିତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇ ପଞ୍ଚାୟତକୁ ମଦ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମାଜ ଅନ୍ଦୋଳନ ଓଡିଶା ସମ୍ପାଦକ କାହ୍ନୁଚରଣ ବେହୁରା, ରମାକାନ୍ତ ମଣ୍ଡଳ, ସତ୍ୟ ରଞ୍ଜନ କର, କାଞ୍ଚନବାଳା ଯତି, ସରପଞ୍ଚ ବିଜୟ କୁମାର ସାହାଣୀ, କବିତା ପଣ୍ଡା ପ୍ରମୁଖ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅନ୍ଦୋଳନରେ ହଜାର ହଜାର ସଂଖ୍ୟାରେ ମହିଳା, ଛାତ୍ରୀଛାତ୍ର, ଯୁବତୀ ଯୁବକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ, ଲୋକପ୍ରତିନିଧିମାନେ ସାମିଲ ହେବେ ବୋଲି ସୂଚନା ମିଳିଛି।

## ବର୍ଷା ଋତୁରେ ପିଇବା ପାଣି ସଙ୍କଟ

**ଯାଜପୁର ରୋଡ଼,୧୮।୮(ନି.ପ୍ର)**

ଯାଜପୁର ରୋଡ଼ ସହରର କେତେକ ୱାର୍ଡରେ ପାନୀୟ ଜଳ ସଂକଟ ଦେଖାଦେଇଛି। ୱାର୍ଡଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଯାହାକି ସମୁଦ୍ରକୁ ସଂଖେ ସଦୃଶ। ବିଶେଷ କରି ବ୍ୟାସନଗର ପୌରପରିଷଦର ୧୭ନଂ, ୩ନଂ, ୭ନଂ, କାଚହୁଡ଼ିସାହି ପ୍ରଭୃତି ଅଞ୍ଚଳରେ ଟ୍ୟାପ୍‌ରୁ ଗୋଳିଆ ପାଣି ବାହାରୁଛି। ୱାର୍ଡ଼ବାସୀମାନେ ପାନୀୟ ଜଳ ପାଇବା ପାଇଁ ହନ୍ତସନ୍ତ ହୋଉଛନ୍ତି। ୧୭ନଂ ଓ ୩ନଂ କାଚହୁଡ଼ି ସାହିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୧୭ନଂ ୱାର୍ଡରେ ମାସେ ହେଲା ପାଣି ପମ୍ପଟି ଅଚଳ ହୋଇ ପଡ଼ିରହିଛି। ଏଯାଏଁ ତାହାର ମରାମତି କରାଯାଉ ନ ଥିବାରୁ ୧୭ନଂ ୱାର୍ଡରେ ଲୋକେ ବାଧ ହୋଇ ଦୂଷିତ ପାଣି ପିଇ ଝାଡ଼ାବାନ୍ତି ଓ ନାନା ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାହାର ମରାମତି କରାଯାଉ ନାହିଁ। ସହରରେ ବର୍ଷା ଦିନେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ବ୍ୟାସନଗର ସହରର ମୁଖ୍ୟ ସମସ୍ୟା ପାନୀୟ ଜଳ ଦେଖାଦେଇଛି। ହୁଡ଼ିସାହି ଅଞ୍ଚଳରେ ଟ୍ୟାପ୍‌ରୁ ଦୂଷିତ ପାଣି ବାହାରୁଛି। ଏହି ଅଞ୍ଚଳରେ ଆଦିବାସୀ ଲୋକେ ବାସ କରୁଥିବାରୁ ଦୂଷିତ ପାଣି ପିଇ ରୋଗର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡ଼ର ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ, ୧୭ନଂ ୱାର୍ଡର ପାଣି ପମ୍ପଟି ଅଚଳ ହୋଇପଡ଼ିଛି। ଆଉ ଗୋଟିଏ ବୋରିଂ କାର୍ଯ୍ୟ ଚାଲିଛି। ରାସ୍ତା ନିର୍ମାଣ ହେଉଥିବାରୁ ଠିକାଦାର ରାସ୍ତାକୁ ଜେସିବି ମେଶିନ୍‌ରେ ଖୋଳିବା ଦ୍ୱାରା ପାଇପ୍‌ଗୁଡ଼ିକ ଫାଟିଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ପାଇପ ମରାମତି କରାଯାଉଛି। ୧୭ନଂ ୱାର୍ଡ ସାପଗଡ଼ିଆ ଓ କାଚହୁଡ଼ି ସାହିରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି।




ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି।

## ଦୁର୍ଘଟଣାରେ ଜଣେ ମୃତ

**ଚଣ୍ଡିଖୋଲ,୧୮।୮(ଡି.ଏନ.ଏ)**

ଚଣ୍ଡିଖୋଲ ଟ୍ରାଫିକ ଛକ ନିକଟରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଧର୍ମଶଳା ଥାନା ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ଅଧୀନ ଜୟସୁଙ୍ଗୁଡ଼ା ଗ୍ରାମର ଶତ୍ରୁଘ୍ନ ସାହାଣୀ (୪୮)। ସେ ହେଉଛନ୍ତି ପୂର୍ବତନ ସମିତି ସଭ୍ୟ। ଗୁରୁତର ଜଣକ ହେଲେ ଧର୍ମଶଳା ଥାନା ଅନ୍ତର୍ଗତ ସାହାପଡ଼ା ଗ୍ରାମର ପ୍ରଦୀପ ଦାସ। ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସ ଯୋଗେ ପ୍ରଦୀପଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଛି। ପ୍ରକାଶ ଯେ, ଉଭୟ ଚଣ୍ଡିଖୋଲ କୋର୍ଟରୁ କାମ ସାରି ବାଇକ୍(ଓଆର-୦୪-ସି-୫୮୨୨) ଯୋଗେ ଟ୍ରାଫିକ୍ ଛକ ଅତିକ୍ରମ କରୁଥିବାବେଳେ ୧୨ ଚକିଆ ମାଛ ବୋଝେଇ ଟ୍ରକ(ଏପି-୦୫-ଟିଡି-୭୫୨୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶତୃଘ୍ନଙ୍କ ମୃତ୍ୟୁ ହୋଇଥିଲା।

## ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ଯୋଜନା ପ୍ରସ୍ତୁତ

**ବରୀ,୧୮।୮(ସ୍ୱ.ପ୍ର)**

ଯାଜପୁର ଜିଲାରେ ବ୍ରାହ୍ମଣୀ ନଦୀ ପ୍ରବାହିତ ହୋଇଛି। ଜଳସ୍ରୋତ ନ ଥିବାରୁ ନଦୀ ଶୁଷ୍କ ହୋଇ ପୋତିହୋଇ ପଡୁଛି। ଶହଶହ କୃଷକ, ଗୃହପାଳିତ ପଶୁ, କଳକାରଖାନା ବ୍ରାହ୍ମଣୀ ନଦୀ ଉପରେ ନିର୍ଭର କରୁଥିବାବେଳେ ନଦୀରେ ପାଣି ନ ଥିବାରୁ ହାହାକାର ପଡିଯାଇଛି। ଫଳରେ ଯାଜପୁର, କେନ୍ଦ୍ରାପଡା ଜିଲାର ୨ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜୀବିକା ହରାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ତେଣୁ ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିବାବେଳେ ଅଭିଯାନର ଆଶା ସଫଳ ହେବାକୁ ଯାଉଛି। ଏ ନେଇ ଭୁବନେଶ୍ୱରଠାରେ ଶନିବାର ଅଭିଯାନର ଆବାହକ ଲୋକନାଥ ଦାସଙ୍କ ନେତୃତ୍ୱରେ ଜଳ ସମ୍ପଦ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ଏକ ବିସ୍ତୃତ ଆଲୋଚନା ହୋଇଛି। ଗୁଆହାଟୀର ଆଇଆଇଟି ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ରାହ୍ମଣୀକୁ ପୁନରୁଦ୍ଧାର କରାଯାଇ ଚିରସ୍ରୋତା କରିବା ପାଇଁ ଯୋଜନା ପ୍ରସ୍ତୁତ ସରିଛି ବୋଲି ଆଇଆଇଟି ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। ଜେନାପୁରଠାରୁ ତାଳଚେର ପର୍ଯ୍ୟନ୍ତ ଜାତୀୟ ଜଳପଥ-୫ ବିଭାଗ ପକ୍ଷରୁ ଖନନ କରାଯାଇ ପୁନରୁଦ୍ଧାର କରାଯିବ। ଜେନାପୁରଠାରେ ପୋତିହୋଇ ପଡୁଥିବା ଆନିକଟକୁ ଉଦ୍ଧାର କରାଯାଇ କାଇପଡା ପର୍ଯ୍ୟନ୍ତ ଖନନ କରାଯିବ ବୋଲି ସ୍ଥିର କରାଯାଇଛି। ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେବ। ପ୍ରକାଶ ଯେ, ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ଏହି ଅଭିଯାନ ପକ୍ଷରୁ ଦୀର୍ଘ ୮ ବର୍ଷଧରି ଗଣଧାରଣା, ବିକ୍ଷୋଭ, ସଭାସମିତି କରାଯାଇ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାହକ ଦାସଙ୍କୁ ଚିଠି ଲେଖି ସାନ୍ତ୍ୱନା ଦେଇଥିଲେ। ଏହା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ନଦୀ କୂଳିଆ ଅଞ୍ଚଳବାସୀଙ୍କ ମଧରେ ଆନନ୍ଦ ଖେଳିଯାଇଛି। ଏ ସମ୍ପର୍କରେ ଧରିତ୍ରୀରେ ପୂର୍ବରୁ ଖବର ପ୍ରକାଶ ପାଇଛି। ଭଜହରି ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସୁର ମୋହନ ମହାପାତ୍ର, ଗଗନ ବିହାରୀ ଜେନା ଓ କର୍ଣ୍ଣ ଚନ୍ଦ୍ର ଘଡାଇ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ ବୋଲି ଆବାହକ ଦାସ କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି ଶିବିର: ୧୯ ପରିବାରକୁ ୧୦୦ ଦିନର କାମ

**କୋରେଇ, ୧୮।୮(ସ୍ୱ.ପ୍ର)**

କୋରେଇ ବ୍ଲକ ସଭା ଗୃହରେ ଶନିବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତିଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଇନ୍ଦ୍ରମଣୀ ନାୟକ ସଭାପତିତ୍ୱ କରିଥିଲେ। ବିଡିଓ ହେମନ୍ତ କୁମାର ବିହାରୀ, ଜିଲା ସଂଯୋଜକ ସତ୍ୟ ନାରାୟଣ ବେହେରା, ଏପିଓ ରବି ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ମନୋଜ ସେନାପତି, ଶଶିକାନ୍ତ ମଲ୍ଲିକ, ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ୨୦୧୭-୧୮ ଆର୍ଥିକ ବର୍ଷରେ ୨୦୧୭ ଅଗଷ୍ଟ ୧ରୁ ୨୦୧୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମୋଟ ୨୮ ପଞ୍ଚାୟତରେ ସାମାଜିକ ସମୀକ୍ଷା କରାଯାଇଥିଲା । ଏହି ସମୟ ମଧ୍ୟରେ ୪୭୫ ନୂତନ ଜବ୍‌କାର୍ଡ ପ୍ରଦାନ କରାଯାଇଛି । । ଆବେଦନ କରିଥିବା ୨୩୫୬ ପରିବାରକୁ କାମ ଯୋଗାଇ ଦିଆଯାଇଥିବାବେଳେ ୧୦୩୭୯୮ଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି । ୯୩୪ ପ୍ରକଳ୍ପ ହାତକୁ ନିଆଯାଇ ୫୪୪ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯାଇଛି । ମୋଟ ୨୨୬.୮୧ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବାବେଳେ ୧୯ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି । ୫୪୪ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିବାବେଳେ ୩୯୦ ପ୍ରକଳ୍ପ କାମ ଚାଲୁ ରହିଛି । ଏହି ଯୋଜନାକୁ ଆଗେଇ ନେବାକୁ ହେଲେ ସମସ୍ତଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ ବୋଲି ବିଡିଓ ବିହାରୀ ମତବ୍ୟକ୍ତ କରିଥିଲେ । ସେ ବିଭିନ୍ନ ଜନ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ସରପଞ୍ଚ ଦୀପ୍ତିମୟୀ କୁଅଁର, ନିର୍ମଳା ରାଉତ, ଗୁନୁ ଭୂୟାଁ, ସମିତିସଭ୍ୟ ପ୍ରମୋଦ ସାହୁ, କୁଳମଣୀ ଦାସଙ୍କ ସମେତ ସମିତି ସଭ୍ୟାସଭ୍ୟଙ୍କ ସମେତ ଜନସାଧାରଣ ଯୋଗଦେଇଥିଲେ । ବିଭିନ୍ନ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏପିଓ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣ୍ଡଗୋଳ ମାମଲାରେ ଜଣେ ଗିରଫ

**ଛତିଆ,୧୮।୮(ଡି.ଏନ୍.ଏ)**

ସରକାରୀ ଜମିରେ ଚାରାରୋପଣକୁ କେନ୍ଦ୍ରକରି ଗଣ୍ଡଗୋଳ ମାମଲାରେ ବୈରୀ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବୈରୀ ଥାନା ଅନ୍ତର୍ଗତ ହରଣଟିକିରି ଗ୍ରାମର କପି ସାହୁ(୨୪)। ପ୍ରକାଶ ଯେ, ଗତ ମଙ୍ଗଳବାର କପାଷ୍ଟିକିରୀ ଗ୍ରାମବାସୀଙ୍କ ଉପରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୪ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆହୁରି କେତେଜଣ ସମ୍ପୃକ୍ତ ଅଛନ୍ତି।

## ମେଧା ବୃତ୍ତି ଦେଲେ ୩୬୦ ଛାତ୍ରୀଛାତ୍ର

**ରତ୍ନଗିରି,୧୮।୮(ଡି.ଏନ୍.ଏ)**

ବରୀ ବ୍ଲକର ଦୁଇ ପରୀକ୍ଷା କେନ୍ଦ୍ରରେ ୨୨୮ ବିଦ୍ୟାଳୟରୁ ମୋଟ୍ ୩୬୦ ତୃତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଶନିବାର ବୃତ୍ତି ପରୀକ୍ଷା ଦେଇଥିବା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ପ୍ରକାଶ କରିଛନ୍ତି । ସାମନ୍ତସିଂହାର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୫ମ ଶ୍ରେଣୀରେ ୫୨ ବିଦ୍ୟାଳୟର ୯୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୬ଜଣ ପରୀକ୍ଷା ଦେଇଥିବାବେଳେ ୭ଜଣ ଅନୁପସ୍ଥିତ ଥିଲେ । ଅନ୍ୟପକ୍ଷରେ ଉକ୍ତ କେନ୍ଦ୍ରରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୪୯ ବିଦ୍ୟାଳୟର ୮୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ପ୍ରଧାନଶିକ୍ଷକ ପାବକ ମହାପାତ୍ର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ରହିଥିବାବେଳେ ଏବିଓ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କପିଳ ଚରଣ ସାମଲ ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱରେ ଥିଲେ । ସେହିପରି କୃପାସିନ୍ଧୁ ବିଦ୍ୟାଭବନ ପରୀକ୍ଷା କେନ୍ଦ୍ରରେ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ନିମନ୍ତେ ୫୮ ବିଦ୍ୟାଳୟର ୧୦୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୧ ଜଣ ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଅନୁପସ୍ଥିତ ଥିଲେ । ସେହିପରି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୫୯ ବିଦ୍ୟାଳୟର ମୋଟ ୧୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ମଲିକ କେନ୍ଦ୍ର ପରିଚାଳନା ଦାୟିତ୍ୱ ତୁଲାଇଥିବାବେଳେ ଏବିଓ ଦୁଃଶାସନ ବାରିକ ପରୀକ୍ଷା ନିୟନ୍ତ୍ରଣ କରିଥିଲେ । ମଣ୍ଡଳ ଶିକ୍ଷା ଅଧିକାରୀ ବେହେରା ଓ ଏବିଓ ବାଙ୍କବିହାରୀ ପଣ୍ଡା ପ୍ରମୁଖ ଉଭୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ପରୀକ୍ଷା ପରିଚାଳନା ଅନୁଧ୍ୟାନ କରିଥିବା ଜଣାପଡିଛି ।



ଶିକ୍ଷାଧିକାରୀ ମେଧାବୃତ୍ତି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ମୁଖ୍ୟ ଚିକିତ୍ସାଳୟରେ ମୁଣ୍ଡ ଗୁଞ୍ଜିଛନ୍ତି ଅସହାୟ ମହିଳା

**ବିରଜାକ୍ଷେତ୍ର,୧୮।୮(ଡି.ଏନ୍.ଏ)**

- ■ସାତସପନ ପାଲଟିଛି ଆବାସ ଯୋଜନା
- ■ସବୁ ଦେଖି ଚୁପ୍ ରହିଛି ପ୍ରଶାସନ
- ■ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ମହିଳା

ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଲୋକଙ୍କ ପାଖରେ ରହିବା ପାଇଁ ସ୍ଥାୟୀ ବାସଗୃହ ନାହିଁ। ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ଏଥିରୁ ବଞ୍ଚିତ ହେଉଛନ୍ତି ଅନେକ ପରିବାର। ଏବେ ବି ଲୋକେ ବାସ ଖଣ୍ଡେ ପାଇଁ ନେତା ଓ ପ୍ରଶାସନର ଦ୍ୱାରସ୍ଥ ହେଉଥିବାର ଦେଖିବାକୁ ମିଳିଛି । ବିଭିନ୍ନ କାରଣରୁ ନିର୍ଯ୍ୟାତିତ ହୋଇ ବାସ ହରାଇଥିବା ପରିବାର ବାର ଦୁଆର ହେଉଛନ୍ତି। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଯାଜପୁର ସହରରେ। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ଚିତାଳୋ ପଞ୍ଚାୟତ ଇଟରା ଗ୍ରାମର ଶାନ୍ତିଲତା ସାହୁ(୩୭)। ବିବାହ ପରେ ସ୍ୱାମୀଙ୍କ ଅତ୍ୟାଚାର ଓ ନିର୍ଯାତନା ସହି ଆସୁଥିଲେ। ବର୍ଷେ ହେବ ତାଙ୍କ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିଲେ। ୪ ପିଲାଙ୍କୁ ଧରି ନିର୍ଯାତିତା ମହିଳା ଘରୁ ଆସି ଏକ ଝାଟିମାଟି କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜିଥିଲେ। ହେଲେ ଏବେ ସେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଛୁଆଙ୍କୁ ଧରି ଆଶ୍ରା ଖୋଜୁଥିବାବେଳେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପାଲଟିଛି ଶାନ୍ତିଲତାଙ୍କ ଆଶ୍ରୟସ୍ଥଳୀ। ଆହାର କେନ୍ଦ୍ରରେ ୫ ଟଙ୍କିଆ ଆହାର ଖାଇ ଦିନ କାଟୁଛନ୍ତି ଅସହାୟ ମହିଳାଙ୍କ ପରିବାର। ହେଲେ ପିଲାଙ୍କ ଭବିଷ୍ୟତକୁ ନେଇ ନୂତନ ବାସସ୍ଥାନ ଖୋଜିବାର ପ୍ରୟାସ ଜାରି ରଖିଛନ୍ତି। ବଡ଼ଝିଅ ରଶ୍ମିତା ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ପରିସ୍ଥିତି ବାଧକ ସାଜିଛି। ଚିକିତ୍ସାଳୟ କର୍ମଚାରୀଙ୍କ ଦୟାରେ ଅପରେଶନ ଗୃହ ନିକଟରେ ଆଶ୍ରୟ ନେଉଛନ୍ତି। ଚିକିତ୍ସାଳୟରେ ଅସ୍ଥାୟୀଭାବେ ବାସ କରିବା ଅତ୍ୟନ୍ତ କଷ୍ଟଦାୟକ। ଫଳରେ ପିଲାଙ୍କ ଭବିଷ୍ୟତ ଅନ୍ଧକାରମୟ ହେଉଛି। ଅସହାୟ ମହିଳାଙ୍କ ଦୁର୍ଦ୍ଦିନ ଜିଲା ପ୍ରଶାସନ ଦେଖୁଥିଲେ ମଧ ସହାୟତାର ହାତ ବଢାଇନାହାନ୍ତି। ସରକାରୀ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାପାଇଁ ଶାନ୍ତିଲତା ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରିନାହାନ୍ତି । ଜିଲା କିମ୍ବା ବ୍ଲକ୍ ପ୍ରଶାସନ ବାସଗୃହ ଯୋଗାଇଦେଲେ ଗ୍ରାମକୁ ଫେରିଯାଇ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି ଶାନ୍ତିଲତା ।



ସରକାରୀ ଯୋଜନାରୁ ବଞ୍ଚିତ ପରିବାର।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୯/୨୦୧୮ Bhubaneswar, Sunday, August 19/ 2018

## ସଂକ୍ଷେପରେ

### ନାବାଳିକାଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କୁ ଗିରଫ ଦାବି

## ଏସ୍‌ପିଙ୍କୁ ଭେଟିଲା ଯୁବ କୃଷକ ସଂଘ

କୋରେଇ,୧୮।୮(ସ୍ୱ.ପ୍ର.)- ଅପହୃତାଙ୍କୁ ଉଦ୍ଧାର ସହ ଅପହରଣକାରୀଙ୍କୁ ଗିରଫ ଦାବିରେ ଶନିବାର ଯୁବ କୃଷକ ସଂଘ ପାଣିକୋଇଲିସ୍ଥିତ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଏସ୍‌ପିଙ୍କୁ ଭେଟିଛି। ସଙ୍ଘର ରାଜ୍ୟ ମହାସଚିବ ତଥା ଓଡିଶା ଜନମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ନାୟକଙ୍କ ନେତୃତ୍ୱରେ ଏକ ଟିମ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଯେ, ଗତ ୫ ତାରିଖ ସନ୍ଧ୍ୟାରେ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଶାଳବା ଗ୍ରାମର ଜଣେ ନାବାଳିକା ସ୍ଥାନୀୟ ପୋଖରୀରେ ଶୌଚ ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ସରସଦା ଗ୍ରାମର ଗଣେଶ ବାଣ୍ଡ ନାମକ ଜଣେ ଯୁବକ ତାଙ୍କ ୨ ସହଯୋଗୀଙ୍କ ସହ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ୯ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୧୧୯/୧୮) ରୁଜୁ କରିଛି । ହେଲେ ଏ ପର୍ଯ୍ୟନ୍ତ ନାବାଳିକାଙ୍କର ପତ୍ତା ମିଳିନାହିଁ।

## ରାସ୍ତା କାମକୁ ନେଇ ମୁହାଁମୁହିଁ: ଥାନାରେ ଅଭିଯୋଗ

କୋରେଇ,୧୮।୮(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତ ଗୋପାଳପୁର ଗ୍ରାମରେ ରାସ୍ତା କାମକୁ ନେଇ ଶନିବାର ରୋଦନୀ ମଳିକ ଓ ଗୋପାଳ ମଳିକ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ରୋଦନୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ କମଳ ଲୋଚନଙ୍କ ନାମରେ ରାସ୍ତା କାମ ଦିଆଯାଇଥିଲା । ସେ ବାଲି, ମେଟାଲ ପକାଇବା ପରେ ଉକ୍ତ ଗ୍ରାମର ଗୋକୁଳ ମଳିକ ସେହି ରାସ୍ତା କରିବାକୁ କହିଛନ୍ତି । ଏଥିସହ କଳାକାର ମଳିକ, ବ୍ରଜ ରାଉଳ ଓ ବିବନ ମହାନ୍ତି ମିଶି କମଳ ଓ ରୋଦନୀଙ୍କ ଦିଅରଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଭାବ ଦେଖାଇ ମାଡ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ପ୍ରକାଶ ଯେ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅର୍ଥରେ ରାସ୍ତା ନିର୍ମାଣ ପାଇଁ ୧ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ହେଲେ କାମ କରିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଛି ।

### ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି

# ବିଲ ମଝିରେ ୭କୋଟି ଟଙ୍କା ହଡ଼ପ ଉଦ୍ୟମ

ବିଞ୍ଝାରପୁର, ୧୮।୮(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକରେ ଡ୍ରେନେଜ ,ପୂର୍ତ୍ତ , ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ତଥାପି ଦୁର୍ନୀତି କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଠିକାଦାରମାନେ ଖୁଲମଖୁଲା ଲୁଟିବାରେ ବ୍ୟସ୍ତ ଥିବାବେଳେ ବିଭାଗୀୟ ଅଧିକାରୀ ଏହାକୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଯାହାକି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣ୍ଟିପୁର-ନରଣପୁର ରାସ୍ତାକୁ ଦେଖିଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସଲ ସ୍ୱରୂପ ଜଣାପଡ଼େ। ଖବରଅନୁଯାୟୀ ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ନରଣପୁର ଗ୍ରାମକୁ ସ୍ୱାଧୀନତାର ୭୧ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନାହିଁ। ଫଳରେ ଦଶନ୍ଧି ଦଶନ୍ଧି ଧରି ନରଣପୁର ଗ୍ରାମବାସୀ ବିନା ରାସ୍ତାରେ ଚାଷଜମି ଦେଇ ଯିବା ଆସିବା କରୁଛନ୍ତି। ଦୀର୍ଘ ବର୍ଷର ଦାବି ପରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ନାବାର୍ଡ ସହାୟତାରେ ୭କୋଟି ମଞ୍ଜୁର ହୋଇଥିଲା। ୨୦୧୬ ମସିହା ଫେବୃୟାରୀରେ ଏହି ରାସ୍ତାର ଶୀଳାନ୍ୟାସ ହୋଇଥିଲା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୧୭ମାର୍ଚ୍ଚ ସୁଦ୍ଧା ସରିବା କଥା। ହେଲେ ଅବଧି ସମୟର ୧୫ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ୫୦ପ୍ରତିଶତ ସରି ନାହିଁ। କେବଳ ସେତିକି ନୁହେଁ ରାସ୍ତା ନିର୍ମାଣ ସରି ନ ଥିବାବେଳେ ନିର୍ମାଣ ହୋଇଥିବା ୨ଟି କଲଭର୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ବନ୍ୟାଜଳରେ ଭାସି ଯାଇଥିବା ଦେଖିବାକୁ ମିଳିଛି। ନିମ୍ନ ମାନର କାର୍ଯ୍ୟ ଯୋଗୁ ନିର୍ମାଣାଧିନ ରାସ୍ତା ଓ କଲଭର୍ଟ ଭାଙ୍ଗିରୁଜି ଯିବା ସହ ବନ୍ୟାଜଳରେ ଭାସି ଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଓ ଠିକାଦାରଦ୍ୱୟ ଚଞ୍ଚକତା କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଏହି ରାସ୍ତାଟି କଣ୍ଟିପୁରଠାରୁ ନରଣପୁର ଭାୟା ରଣପୁର ନିର୍ମାଣ ହେବା କଥା। ହେଲେ ଠିକାଦାର ଓ ଯନ୍ତ୍ରୀ ଷଡ଼ଯନ୍ତ୍ର କରି ଭାୟା ରଣପୁର ନ କରି ଭାୟା ସାମେଶ୍ୱର ମହାଦେବ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ ଯେ, ସାମେଶ୍ୱର ମହାଦେବ ବରୀ ବ୍ଲକ ଅଞ୍ଚଳରେ ରହିଥିବାବେଳେ ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କେଉଁ ନିୟମ ବଳରେ ଅନ୍ୟ ବ୍ଲକରେ ରାସ୍ତା କାର୍ଯ୍ୟ କରୁଛି ତାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ ଏହି ପ୍ରକଳ୍ପରେ ଠିକାଦାର ଜଣକ ୨କୋଟି ୫୯ଲକ୍ଷ ଟଙ୍କା ପେମେଣ୍ଟ ନେଇ ସାରିଛନ୍ତି। ଏପରି କି ନିର୍ମାଣ କାର୍ଯ୍ୟ ଶେଷ ନ କରି ଠିକାଦାର ଜଣକ ଆଉ ଧରାଛୁଆଁ ଦେଉ ନାହାନ୍ତି। ରଣପୁର ସରପଞ୍ଚ ଅଟଳ ବିହାରୀ ନାୟକଙ୍କ କହିବା ହେଲା ନରଣପୁର ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ସମସ୍ତେ ସହଯୋଗ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଧରାଛୁଆଁ ଦେଉ ନ ଥିବାରୁ ରାସ୍ତା ନିର୍ମାଣ ଶେଷ ହେବାକୁ ନେଇ ସନ୍ଦେହ ସୃଷ୍ଟି କରୁଛି । ଗ୍ରାମର ୱାର୍ଡ ସଭ୍ୟ ବିବେକାନନ୍ଦ ଧଳ ମଧ୍ୟ ରାସ୍ତା ନିର୍ମାଣର ବିଳମ୍ବତା ପାଇଁ ଠିକାଦାରଙ୍କୁ ଦାୟୀ କରିଛନ୍ତି । ଅପରପକ୍ଷରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଜୟ ବାରିକ କୁହନ୍ତି ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବାରୁ ରାସ୍ତା କାର୍ଯ୍ୟ ନିର୍ମାଣରେ ବିଳମ୍ବ ହୋଇଛି। ଜମି ଜନିତ ବିବାଦ ସମାଧାନ ହେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବାରିକ କହିଛନ୍ତି। ତେବେ ଠିକାଦାର ଓ ଯନ୍ତ୍ରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ନରଣପୁରବାସୀଙ୍କ ସ୍ୱପ୍ନ ଏବେ କଛପ ଗତିରେ ଚାଲୁଥିବାରୁ ଅସନ୍ତୋଷ କ୍ରମେ ବଢିବାରେ ଲାଗିଛି। ଗୋଟିଏ ପଟରେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଓ ଅନ୍ୟ ପଟରେ ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ୮ଦଶନ୍ଧି ଧରି ରାସ୍ତାଟି ପାଇଁ ଆଶା କରୁଥିବା ନରଣପୁରବାସୀ ଏବେ ନିରାଶ ହୋଇପଡିଛନ୍ତି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ନିର୍ମାଣ ନସରୁଣୁ ଭାଙ୍ଗିଗଲା କଲଭର୍ଟ



## ଜନତା ହାଇସ୍କୁଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଚଣ୍ଡିଖୋଲ/ଛତିଆ, ୧୮।୮(ଡି.ଏନ.ଏ)

ବୈରୀ ଥାନା ଅଧୀନ ବନ୍ତଳା ଜନତା ନୋଡାଲ ହାଇସ୍କୁଲରୁ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ପ୍ରତିଦିନ ଭଳି ଶୁକ୍ରବାର ସନ୍ଧ୍ୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରଅର୍ଜ୍ଜୁନ ମହାପାତ୍ର ସ୍କୁଲରେ ରାତ୍ର ଜଗୁଆଳି ଭାବେ ରହିଥିଲେ। ବିଳମ୍ବିତ ରାତିରେ ପ୍ରବଳ ବର୍ଷା ହେବାରୁ ସେ ପୁରୁଣା ଅଫିସରେ ବସିଥିଲେ । ବର୍ଷା ଛାଡିବା ପରେ ଭୋର ସମୟରେ ବାହାରକୁ ଆସି ଦେଖିଲେ କମ୍ପ୍ୟୁଟର ଗୃହର ଗ୍ରୀଲ ତାଲା ଭଙ୍ଗାଯାଇଛି ଏବଂ ଭିତରେ ଥିବା ୧୨ଟି କମ୍ପ୍ୟୁଟର ମଧ୍ୟରୁ ୯ ଚୋରି ହୋଇଯାଇଛି। ଏଥିସହ ଗୋଟିଏ ପ୍ରିଣ୍ଟର ମେସିନ, ୮ କି ବୋର୍ଡ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ସମ୍ପର୍କରେ ସେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଏ ନେଇ ପ୍ରଧାନଶିକ୍ଷକ ଶନିବାର ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଅନୈତିକ କାର୍ଯ୍ୟ ଚାଲୁଥିବା ଘର ଉପରେ ଚଢ଼ାଉ ଘଟଣା

# ମହିଳାଙ୍କ ସମେତ ୨ ଯୁବକ କୋର୍ଟଚାଲାଣ

ରସୁଲପୁର/ଧର୍ମଶାଳା,୧୮।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ହାଟରେ ଥିବା ଏକ ପରିତ୍ୟକ୍ତ ଘରେ ଅନୈତିକ କାର୍ଯ୍ୟ ଚାଲିଥିବା ଜାଣି ଶୁକ୍ରବାର ଧର୍ମଶାଳା ପୋଲି ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଏହି କାର୍ଯ୍ୟରେ ଲିପ୍ତ ଥିବା ୩ଜଣ ମହିଳାଙ୍କ ସମେତ ୨ଜଣ ଯୁବକଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ଗୋଟିଏ ସ୍କୁଟି ଓ ଗୋଟିଏ ପଲସର ବାଇକ ସହ ଯୌନ କାରବାରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଅଟକ ୫ଜଣଙ୍କ ମଧ୍ୟରୁ ଶନିବାର ପୋଲିସ ଦେହ ବ୍ୟବସାୟର ମୁଖ୍ୟନାୟିକା(ରାଣୀ ମହୁମାଛି)ଙ୍କ ସମେତ ୨ଜଣ ଗ୍ରାହକଙ୍କୁ କୋର୍ଟ ଚାଲାଣ କରିଛି। ଅନୈତିକ କାରବାରରେ ସମ୍ପୃକ୍ତ ଥିବା ୨ଜଣ ଯୁବତୀଙ୍କୁ ପୋଲିସ ଡାକ୍ତରୀ ମାଇନା କରିବା ପରେ ସ୍ୱଧାରା ଗୃହରେ ଛଡ଼ାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି।

ପ୍ରକାଶ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ ବନ୍ଧଡିହ ଗ୍ରାମର ରୀନା(ଛଦ୍ମନାମ) ନାମ୍ନୀ ଜଣେ ମହିଳା ଗତ କିଛି ସପ୍ତାହ ହେଲା ବ୍ରହ୍ମବରଦା ହାଟରେ ଥିବା ଏକ ପରିତ୍ୟକ୍ତ ଘରକୁ ଭଡାସୂତ୍ରରେ ନେଇ ଦେହ ବ୍ୟବସାୟ ଚଳାଇଥିଲେ। ଏହି ଘରକୁ ବାହର ଜିଲାରୁ ଅପରିଚିତ ଯୁବକ ଓ ଯୁବତୀମାନଙ୍କ ଯିବାଆସିବା ଦେଖିବାକୁ ମିଳୁଥିଲା। ଏସବୁ ଘଟଣା ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ଘଟଣା ଦିନ ରାତିରେ ରୀନା ଓ ତାଙ୍କସହ ୨ଜଣ ଯୁବତୀ ଓ ୪ଜଣ ଯୁବକ ଉକ୍ତ ଭଡ଼ାଘରକୁ ଆସିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଉକ୍ତ ଘର ଉପରେ ଚଢାଉ କରିଥିଲା। ଏସମ୍ପର୍କରେ ଜାଣିପାରି ଦୁଇଜଣ ଯୁବକ ଘଟଣାସ୍ଥଳରୁ ଚତୁରତାର ସହ ଚମ୍ପଟ ମାରିଥିଲେ। ଅନ୍ୟଦୁଇଜଣ ଯୁବକ ଓ ଯୁବତୀଙ୍କୁ ପୋଲିସ ଅସଞ୍ଜତ ଅବସ୍ଥାରେ ଅଟକ ରଖିଥିଲା। ଅଭିଯୁକ୍ତ ଯୁବକ ଦ୍ୱୟହେଲେ ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମର ମହେନ୍ଦ୍ର ନାୟକ ଓ ବନ୍ଧଡିହ ଗ୍ରାମର ତ୍ରିଲୋଚନ ଜେନା। । ଦେହବ୍ୟବସାୟରେ ସଂପୃକ୍ତ ଥିବା ଯୁବତୀ ଦୁଇଜଣ ପୁରୀ ଓ କଟକ ଜିଲାର ବୋଲି ଜଣାପଡ଼ିଛି। ଧର୍ମଶାଳା ଥାନାରେ ଏନେଇ ଏକ ମାମଲା(ନଂ-୩୨୬/୧୮) ରୁଜୁ ହୋଇଛି।

## ଅସହାୟ ଶିଶୁ ଉଦ୍ଧାର, ଜିଲା ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର

ରସୁଲପୁର,୧୮।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ଦାମୋଦରପୁର ଗାଁର ଶେଷଦେବ ଲେଙ୍କା ଜନୈକ ଅସହାୟ ଶିଶୁକୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛନ୍ତି। ଶିଶୁ ସମ୍ପର୍କରେ ସବିଶେଷ ଜାଣିବା ପରେ କମିଟି ପକ୍ଷରୁ ତାର ଠିକଣା ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରାଯିବ ବୋଲି ଜଣାପଡିଛି। ପ୍ରକାଶ ଯେ, ଶେଷଦେବଙ୍କ ୧୬ନଂ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଏକ ଜଳଖିଆ ଦୋକାନ ରହିଛି। ଶୁକ୍ରବାର ସକାଳେ ଜଣେ ଅପରିଚିତ ନାବାଳକ (ଯାହାର ବୟସ ଆନୁମାନିକ ବୟସ ୧୨ବର୍ଷ) ସେଠାରେ ପହଁଚି ଥିଲେ । ସେ ଉକ୍ତ ଦୋକାନରେ ଜଳଖିଆ ଖାଇବା ପରେ ତାଙ୍କ ନିକଟରେ ପଇସା ନ ଥିବାରୁ କାନ୍ଦି ଥିଲେ। ଦୋକାନୀ ତାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବାରେ ପିଲାଟି ମୂକ ବୋଲି ଜାଣିବାକୁ ପାଇଥିଲେ। ସେ ତାଙ୍କ ଘରର ଠିକଣା ସମ୍ପର୍କରେ କହି ପାରୁ ନାହାନ୍ତି। କେବଳ ସେ ତାଙ୍କ ନାମ ସମୁ ପୂର୍ତ୍ତି ବୋଲି ଲେଖିକି ଜଣାଇଛନ୍ତି। ଦୋକାନୀ ମାଲିକ ପିଲାଟିକୁ ଗୋଟିଏ ରାତି ନିଜ ନିକଟରେ ରଖିବା ସହ ତାଙ୍କୁ ଶନିବାର ଯାଜପୁରସ୍ଥିତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛନ୍ତି।




### କୋରେଇ ନାବାଳିକା ହତ୍ୟା ଘଟଣା

## ଯାଜପୁର ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିର କୈଫିୟତ ତଲବ

ଯାଜପୁର ଅଫିସ,୧୮।୮

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଫାଜଲପୁର ମହୁଲିଆସାହିରେ ଦଳିତ ନାବାଳିକାଙ୍କୁ ହତ୍ୟା ଘଟଣା ଉପରେ ଶନିବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଯାଜପୁର ଏସ୍‌ପିଙ୍କୁ କୈଫିୟତ ତଲବ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ପତ୍ରସଂଖ୍ୟା ୩୭୦୧/୧୮/୨୪/୨୦୧୮-ଡବ୍ଲ୍ୟୁସିରେ ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ କମିଶନଙ୍କ ଆଇନ ଧାରା ୧୩ରେ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ହେବ ବୋଲି ମଧ୍ୟ ତାଗିଦ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ ମାସ ୧୮ ତାରିଖରେ ନାବାଳିକାଙ୍କୁ ହତ୍ୟା କରି ନିକଟସ୍ଥ ପୋଖରୀରେ ଫିଙ୍ଗି ଦିଆଯାଇଥିଲା । ଏଥିରେ ଦୁଇ ଗୋରୁ ବେପାରୀଙ୍କୁ ସନ୍ଦେହରେ ଅଟକ ରଖି ଛାଡ଼ିଦିଆଯାଇଥିବାବେଳେ ପରେ ଜଣେ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଇ ଜୁଭେନାଇଲ କୋର୍ଟରେ ହାଜର କରି ସୁଧାରଗୃହକୁ ପଠାଇ ଦିଆଯାଇଥିଲା। ଏହାସହ ଜେରାସମୟରେ କୋରେଇ ଥାନା ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଶାରିରିକ ଓ ମାନସିକ ଭାବେ ନିଯାତନା ଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏନେଇ ଆଇନଜୀବୀ ଉଦୟନାଥ ସାହୁଙ୍କ ଆବେଦନ ଉପରେ ଏନ୍‌ଏଚ୍‌ଆର୍‌ସିରେ ୧୨୯୩୯୮/ସିଆର/୨୦୧୮ରେ ଏକ ମାମଲା ପଞ୍ଜିକୃତ ହୋଇଥିଲା। ଏହି ମାମଲାକୁ ଏନ୍‌ଏଚ୍‌ଆର୍‌ସି ଗମ୍ଭୀରତାର ସହ ଗ୍ରହଣ କରିଥିବା ଜଣାପଡିଛି।

## ସାଇକେଲକୁ ଧକ୍କାଦେଲା ବାଇକ୍, ୨ ଗୁରୁତର

ରସୁଲପୁର,୧୮।୮(ଡି.ଏନ୍.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ଶଙ୍ଖମଠ ରାସ୍ତାର ଜମଧର ହାଇସ୍କୁଲ ନିକଟରେ ଶନିବାର ସନ୍ଧ୍ୟାରେ ଏକ ସାଇକେଲ ଚାଳକଙ୍କୁ ପଛପଟୁ ଏକ ବାଇକ ଧକ୍କା ଦେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଶିଳ ବ୍ୟବସାୟୀ ଅଜିତ ଦାସ(୪୪) ବ୍ୟବସାୟ ସାରି ଘରକୁ ସାଇକେଲ ଯୋଗେ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଜିତ ସାଇକେଲ ସହ ରାସ୍ତାତଳକୁ ପଡ଼ି ଗୁରୁତର ହୋଇଥିବାବେଳେ ବାଇକ୍ ଚାଳକ ସଦାମ୍ ଖାଁ(୨୮) ମଧ୍ୟ ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସାଇକେଲ ଓ ମୋଟସାଇକେଲକୁ ଜବତ କରି ତଦନ୍ତ ଜାରି ରଖିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଚନ୍ଦ୍ରକାନ୍ତ ଖଣ୍ଡପଡ଼ା ବିଜେଡି ବ୍ଲକ ସଭାପତି

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ନୟାଗଡ ଜିଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡା ବ୍ଲକ ସଭାପତି ଭାବେ ଚନ୍ଦ୍ରକାନ୍ତ ବଳିଆରସିଂହଙ୍କୁ ନିଯୁକ୍ତି ଦିଆଯାଇଛି। ଶନିବାର ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ରାତିସାରା ଅନ୍ଧାରରେ ଦୁର୍ଗାବଜାର

**ଦଶପଲ୍ଲା,୧୮।୮(ଡି.ଏନ.ଏ.):** ଦଶପଲ୍ଲାର ମୁଖ୍ୟ ବ୍ୟବସାୟ କେନ୍ଦ୍ର ଦୁର୍ଗାବଜାର ଶୁକ୍ରବାର ରାତ୍ର ୧୨ଟା ସମୟରୁ ସକାଳ ପର୍ଯ୍ୟନ୍ତ ଅନ୍ଧକାର ମଧ୍ୟରେ ରହିଥିଲା। ଏଥିଯୋଗୁ ବଜାର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶନିବାର ସକାଳ ସାଢେ ୧୦ଟାରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା। ଦଶପଲ୍ଲା ଅଞ୍ଚଳରେ ଦୈନିକ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ଏହାର କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଉଛି। ସୂଚନାଯୋଗ୍ୟ ଗୁରୁବାର ଶିମିଳିସାହି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ଲୋକେ ଦଶପଲ୍ଲା-ଭଞ୍ଜନଗର ରାସ୍ତା ଅବରୋଧ କରିଥିଲେ। ଦୁର୍ଗାବଜାର ଅନ୍ଧାରରେ ରହିବା ସମ୍ପର୍କରେ ବିଦ୍ୟୁତ୍ ବିଭାଗ (ସେସୁ) କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ସାହୁଙ୍କୁ ପଚାରିବାରୁ ସେ କେବୁଲ୍ ପୋଡିଯିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସୂଚନା ଦେଇଥିଲେ।

### ଶ୍ରୀ ବାଙ୍କନିଧି ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୧୮।୮(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁର ଶ୍ରୀ ବାଙ୍କନିଧି ଟ୍ରଷ୍ଟ ତରଫରୁ କମାଗୁରୁ ନୋଡାଲ ହାଇସ୍କୁଲର ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ପ୍ରଧାନଶିକ୍ଷକ ଜ୍ୟୋତି ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗୀରଥି ରାଉତରାୟ, ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଦିବଂଗତ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ କନ୍ୟା ପ୍ରତିଭାରାଣୀ ମହାନ୍ତିଙ୍କ ସମେତ ବିଦ୍ୟାଳୟ କମିଟିର ସଭାପତି ଓ ଅନ୍ୟାନ୍ୟ ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଟ୍ରଷ୍ଟର ପ୍ରତିଷ୍ଠାତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କ କନ୍ୟା ପ୍ରତିଭାରାଣୀଙ୍କ ଉଦ୍ୟମରେ ଗଠିତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସେବା ଫାଉଣ୍ଡେସନ ତରଫରୁ କମାଗୁରୁ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗୀରଥି ରାଉତରାୟ ଓ ପ୍ରଧାନଶିକ୍ଷକ ଜ୍ୟୋତି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷକ ବିପିନ କୁମାର ନରେନ୍ଦ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଦେଇଥିଲେ।

### କଳାଦିବସ ପାଳିଲେ ଆଇନଜୀବୀ
### ମୁହଁରେ କଳା ପଟି ବାନ୍ଧି ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୧୮।୮:** କୋର୍ଟ, ପୋଲିସ ଓ ଜିଲା ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଖୋର୍ଦ୍ଧା ବାର ଆସୋସିଏଶନ ପକ୍ଷରୁ ଶନିବାର କଳାଦିବସ ପାଳନ କରାଯାଇଛି। ଆଇନଜୀବୀମାନେ ମୁହଁରେ କଳାକନା ଭିଡି ନୀରବ ପ୍ରତିବାଦ କରିଥିଲେ। ଆଇନର ରକ୍ଷକ ଭାବେ ଅଶୋଭନୀୟ ଓ ଅନାବଶ୍ୟକ ଭାବେ ଖୋର୍ଦ୍ଧାରେ ଅବସ୍ଥାପିତ ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଜଜ୍, ଖୋର୍ଦ୍ଧା ଏସ୍‌ପି, ଅତିରିକ୍ତ ଏସ୍‌ପି, ଟାଉନ ଥାନା ଆଇଆଇସିଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ଶୁକ୍ରବାର ଭୋର ୬ଟାରୁ କୋର୍ଟ ପରିସରରେ ପ୍ରବେଶ କରି କଳଙ୍କିତ ଅଧ୍ୟାୟ କରିଛନ୍ତି ବୋଲି ଆଇନଜୀବୀ କହିଛନ୍ତି। ଏପରି ଘଟଣାକୁ ନେଇ ଆଇନଜୀବୀଙ୍କ ପକ୍ଷରୁ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ତେବେ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆଇନଜୀବୀମାନେ ଷଷ୍ଠ ଦିବସରେ ଧାରଣା ଜାରି ରଖିଛନ୍ତି।

### ବିଦ୍ୟୁତ୍ ଆଘାତରେ ଠିକା ଶ୍ରମିକଙ୍କ ମୃତ୍ୟୁ

**ଜଟଣୀ,୧୮।୮(ଡିଏନ.ଏ.):** ଜଟଣୀସ୍ଥିତ ଆଇଆଇଟି ପରିସରରେ ବିଦ୍ୟୁତ୍ ଆଘାତରେ ବାଲ୍ମୀକି ସିଂ ନାମକ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବିହାର ରାଜ୍ୟରେ ତାଙ୍କ ଘର ବୋଲି ଜଣାପଡିଛି। ଶନିବାର ସନ୍ଧ୍ୟା ପ୍ରାୟ ୬ ଟାରେ ଏପରି ଅଘଟଣ ଘଟିଥିଲା। କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

■ ଟ୍ରାନ୍ସଫର୍ମର ବସାଇବା ପାଇଁ ଲାଞ୍ଚ ଅଭିଯୋଗ

# ସାହି ଲୋକଙ୍କ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

**ନୟାଗଡ଼ ଅଫିସ,୧୮।୮**



ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି ସାହି ବାସିନ୍ଦା।

■ ଅଭିଯୋଗକୁ ଖଣ୍ଡନ କଲେ କନିଷ୍ଠଯନ୍ତ୍ରୀ

■ ଅଢେଇ ଘଣ୍ଟା ଧରି ଫସିରହିଲେ ୪ କର୍ମଚାରୀ

ହଠାତ୍ ବର୍ଷାପବନ ସହ ବିଜୁଳି ଘଡଘଡି ମାରିବାରୁ ଟ୍ରାନ୍ସଫର୍ମର ପୋଡ଼ିଗଲା। ବିଭାଗୀୟ କର୍ମଚାରୀଙ୍କୁ ସାହିଲୋକେ ଏ ନେଇ ଅଭିଯୋଗ କଲେ। ହେଲେ ୪ଦିନ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ। ଶେଷରେ ଲୋକେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଲେ। ନୟାଗଡ଼ ବ୍ଲକ ଘଡୁଆଳ ଗ୍ରାମର କେନାଲ ସାହିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମର ବସାଇବା ଦାବିରେ ସାହିବାସୀ ଶନିବାର ଇଟାମାଟି ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଘଡୁଆଳ କେନାଲ ସାହିରେ ୩୫ ପରିବାର ରହିଆସୁଛନ୍ତି। ସାହି ମୁଣ୍ଡରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଏହି ପରିବାରଗୁଡ଼ିକୁ ସଂଯୋଗ ଦିଆଯାଇଛି। ଏପରିସ୍ଥଳେ ଗତ ୧୩ ତାରିଖରେ ବର୍ଷାପବନ ସହ ଘଡ଼ଘଡ଼ି ମାରିବାରୁ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ଫଳରେ ସେହିଦିନଠାରୁ ସାହିବାସୀ ବିଦ୍ୟୁତ୍ ପାଇଁ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏ ନେଇ ସାହିବାସୀ ଇଟାମାଟି କଲେଜ ନିକଟରେ ଥିବା ବିଦ୍ୟୁତ୍ ବିଭାଗର ସେସୁ ଅଫିସରେ ଜଣାଇଥିଲେ। ବାରମ୍ବାର ଜଣାଇବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଶନିବାର ସାହି ଲୋକେ ଏକାଠି ହୋଇ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେମାନେ ଆପତ୍ତି କରିଥିଲେ ମଧ କେହି ଶୁଣି ନ ଥିଲେ। ବରଂ ଆହୁରି ୫ଦିନ ଲାଗିବ ବୋଲି କହିଥିଲେ। ଏପରି କି କାର୍ଯ୍ୟାଳୟର କିଛି କର୍ମଚାରୀ ୨୦ ହଜାର ଟଙ୍କା ଲାଞ୍ଚ ଦେଲେ ତୁରନ୍ତ ଟ୍ରାନ୍ସଫର୍ମର ଲାଗିବ ବୋଲି କହିଥିବା ସାହିର ଲୋକନାଥ ବେହେରା, ପ୍ରିୟବ୍ରତ ବରାଡ଼, ସନ୍ତୋଷ ମାଝି, ଗୋବିନ୍ଦ ସ୍ୱାଇଁ, ପ୍ରଫୁଲ୍ଲ ବରାଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ସାହିବାସୀ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଘେରାଉ କରିଥିଲେ। ଏହି ସମୟରେ କାର୍ଯ୍ୟାଳୟରେ ଜେଇ ଅନୁପସ୍ଥିତ ଥିଲେ ହେଁ ଭିତରେ ଥିବା ୪ଜଣ କର୍ମଚାରୀ ଫସି ରହିଥିଲେ। ଏହି ଆନ୍ଦୋଳନ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅପରାହ୍ନ ୨ଟାରେ ବିଭାଗୀୟ କର୍ମଚାରୀ ନୂଆ ଟ୍ରାନ୍ସଫର୍ମର ସହ ଗ୍ରାମରେ ପହଞ୍ଚିଥିଲେ। ଏହା ବସାଯିବା ପରେ ସାହିବାସୀ ଧାରଣା ପ୍ରତ୍ୟାହୃତ କରିଥିଲେ। ଏ ନେଇ ଇଟାମାଟି ସେସୁ କନିଷ୍ଠ ଯନ୍ତ୍ରୀ ସୁଦର୍ଶନ କୋଦାମା ସିଂଙ୍କୁ ପଚାରିବାରୁ ସେ କହିଥିଲେ, ଟଙ୍କା ମାଗିବା କଥା ସମ୍ପୂର୍ଣ୍ଣ ମିଥ୍ୟା। ସାହିବାସୀ ଆମଠାରେ ଅଭିଯୋଗ କରିବା ପରେ ଆମେ ଏ ନେଇ ବିଭାଗକୁ ଜଣାଇଥିଲୁ। ସୋମବାର ଟ୍ରାନ୍ସଫର୍ମର ବସାଇବା ପାଇଁ କୁହାଯାଇଥିଲା। ହେଲେ ସାହିଲୋକେ ଏହା ନ ଶୁଣି ତୁରନ୍ତ ବସାଇବାକୁ ଜିଦ୍ ଧରିଥିଲେ। ଶନିବାର ଅପରାହ୍ନରେ ଟ୍ରାନ୍ସଫର୍ମର ବସାଯାଇଥିବା ସେ ସୂଚନା ଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୯।୮।୨୦୧୮ (ରବିବାର)**

■ ମୋ ହୃଦୟ ତୋରି ପାଇଁ ଫିଲ୍ମର ଶୁଭ ମହୁରତ୍

**ସ୍ଥାନ :** ହନୁମାନ ମନ୍ଦିର, ଖଣ୍ଡପଡ଼ା ରୋଡ଼ , **ସମୟ**– ପୂର୍ବାହ୍ନ ୧୦ଟା

**୨୦।୮।୨୦୧୮ (ସୋମବାର)**

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସ୍ଥାନ :** ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସର, **ସମୟ :** ପୂର୍ବାହ୍ନ ୧୦ଟା

**୨୧।୮।୨୦୧୮ (ମଙ୍ଗଳବାର)**

■ ସାହିତ୍ୟିକ ସଚ୍ଚି ରାଉତରାୟଙ୍କ ଶ୍ରାଦ୍ଧ ଦିବସ

**ସ୍ଥାନ :** ପ୍ରମିଳା ପଞ୍ଚୁ ପବ୍ଲିକ ସ୍କୁଲ, ବଡ଼ପଣ୍ଡୁସର, ନୟାଗଡ଼, **ସମୟ :** ପୂର୍ବାହ୍ନ ୧୦ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୮୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# କାର୍ଯ୍ୟ କରୁନି ପୋଷ୍ଟ ଅଫିସର କମ୍ପ୍ୟୁଟର: ଗ୍ରାହକ ହନ୍ତସନ୍ତ

**ରଣପୁର,୧୮।୮(ସ୍ୱ.ପ୍ର.)**



କାମରେ ଆସୁନଥିବା କମ୍ପ୍ୟୁଟର।

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖି ବିଭିନ୍ନ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରିବା ସହିତ ପ୍ରତ୍ୟେକ ପଞ୍ଚାୟତକୁ ଇଣ୍ଟରନେଟ ଦ୍ୱାରା ସଂଯୋଗ କରିବା ପାଇଁ ଜୋରସୋରରେ କାର୍ଯ୍ୟ କରୁଛନ୍ତି। ତେବେ ଏହାକୁ କିଭଳି ଭାବରେ କାର୍ଯ୍ୟରେ ଲଗାଯିବ ସେ ନେଇ କୌଣସି ଦକ୍ଷ କମ୍ପ୍ୟୁଟର ଅପରେଟରଙ୍କୁ ନିଯୁକ୍ତି କିମ୍ବା ତାଲିମ ନଦେଇ ଏହା କରାଯାଉଥିବାରୁ ସମସ୍ୟା ସୃଷ୍ଟି ହେଉଛି। କେତେକ କ୍ଷେତ୍ରରେ ଗ୍ରାହକ ହନ୍ତସନ୍ତ ହେବା ସହ ବିଭାଗୀୟ କର୍ମଚାରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ସମସ୍ୟା ଉପୁଜିଛି ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳରେ ଥିବା ପୋଷ୍ଟ ଅଫିସରେ ।

ପ୍ରକାଶ ଯେ, ରଣପୁର ବ୍ଲକରେ ଥିବା ପୋଷ୍ଟ ଅଫିସଟି ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଥିବାବେଳେ ପ୍ରତ୍ୟହ ଶହଶହ ଗ୍ରାହକ ଟଙ୍କା ଜମା ଠାରୁ ଆରମ୍ଭ କରି ପେନ୍‌ସନ, ଚିଠି ରେଜିଷ୍ଟ୍ରି, ଟେଲିଫୋନ୍ ବିଲ , ବୀମା,ଡ୍ରାପ ଆଦିକାର୍ଯ୍ୟ କରିଥାନ୍ତି। ଗତ ୪ ତାରିଖ ଠାରୁ ଏହି ସବୁ କାର୍ଯ୍ୟରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ରଣପୁର ଅଞ୍ଚଳରେ ଥିବା ସମସ୍ତ ପୋଷ୍ଟ ଅଫିସଗୁଡିକରେ ଏକ କୋର ସିଷ୍ଟମ୍ ଇଣ୍ଟିଗ୍ରେଶନ୍ (ସିଏସଆଇ) ନାମକ ଏକ ସଫ୍ଟୱେର ଲୋଡିଂ କରାଯାଇଛି। ହେଲେ ଏହି ସଫ୍ଟୱେର ବିଷୟରେ ରଣପୁର ଅଞ୍ଚଳରେ ଥିବାସମସ୍ତ ପୋଷ୍ଟ ଅଫିସର କର୍ମଚାରୀଙ୍କୁ କୌଣସି ତାଲିମ ଦିଆଯାଇ ନଥିଲା ବେଳେ ଏ ସଂକ୍ରାନ୍ତରେ କୌଣସି ଇଞ୍ଜିନିୟରଙ୍କୁ ତାଲିମ ପାଇଁ ନିୟୋଜିତ ମଧ କରାଯାଇ ନାହିଁ । ଫଳରେ ଏହି ସଫ୍ଟୱେରଟିକୁ କମ୍ପ୍ୟୁଟରରୁ ଖୋଲି କାର୍ଯ୍ୟ କରିବା କର୍ମଚାରୀଙ୍କ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ । ଫଳରେ ପୋଷ୍ଟ ଅଫିସକୁ ଗ୍ରାହକମାନେ କୌଣସି କାର୍ଯ୍ୟ ପାଇଁ ଗଲେ କମ୍ପ୍ୟୁଟର କାର୍ଯ୍ୟକ୍ଷମ ନ ହେବାରୁ ନିରାଶ ହୋଇ ଫେରୁଛନ୍ତି । ଏହି ଘଟଣାକୁ ୧୪ଦିନ ବିତିଯାଇ ଥିଲେ ମଧ ବିଭାଗୀୟ ଉଚ୍ଚ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି । ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ବିଷୟରେ ରଣପୁର ପୋଷ୍ଟ ମାଷ୍ଟର ନାରାୟଣ ହେମ୍ବ୍ରମଙ୍କୁ ପଚାରିବାରୁ ସେ କୁହନ୍ତି ସି.ଏସ୍.ଆଇ ସଫ୍ଟୱେରଟି ଲୋଡିଂ ଫଳରେ ଆମେମାନେ କିଛି ଜାଣି ପାରୁନାହୁଁ । ଫଳରେ ପୋଷ୍ଟ ଅଫିସର କୌଣସି କାର୍ଯ୍ୟ ହୋଇ ପାରୁନାହିଁ ।

### ୫ମ ବୃତ୍ତି ପରୀକ୍ଷାରୁ ବଞ୍ଚିତ ହେଲେ ଘରୋଇ ସ୍କୁଲ ଶିକ୍ଷାର୍ଥୀ

**ଟାଙ୍ଗୀ (ଖୋର୍ଦ୍ଧା), ୧୮।୮ (ଡି.ଏନ.ଏ.)**

ଶିକ୍ଷାବିଭାଗର ଅବହେଳାରୁ ୫ମ ବୃତ୍ତି ପରୀକ୍ଷା ଦେବାରୁ ଟାଙ୍ଗୀ ବ୍ଲକ୍‌ର ୩୨ ଘରୋଇ ସ୍କୁଲର ଶିକ୍ଷାର୍ଥୀମାନେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଘରୋଇ ସ୍କୁଲମାନଙ୍କ ପ୍ରତି ରାଜ୍ୟ ସରକାର କେତେକ କଟକଣା ଜାରି କରିଥିବା ହେତୁ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରୁ ଉକ୍ତ ଘରୋଇ ସ୍କୁଲ ଗୁଡିକ ବଞ୍ଚିତ ହୋଇଥିଲେ। ତେବେ ଏଥିମଧ୍ୟରେ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗ କିଛିଟା କୋହଳ ମନୋବୃତ୍ତି ଅବଲମ୍ବନ କରିଥିଲେ। ଏହି ସବୁ ସ୍କୁଲର ଛାତ୍ରୀଛାତ୍ରମାନେ ୫ମ ବୃତ୍ତି ପରୀକ୍ଷା ଦେବାପାଇଁ ଶେଷ ମୁହୂର୍ତ୍ତରେ ଟେଲିଫୋନ ମାଧ୍ୟମରେ ବିଭାଗ ପକ୍ଷରୁ କୁଆଡେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଆବଶ୍ୟକ ସଂଖ୍ୟକ ପ୍ରଶ୍ନପତ୍ର ନଥିବା ହେତୁ ସେହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ଅଧୀକ୍ଷକ ମନା କରିଦେଇଥିଲେ । ଫଳରେ ଟାଙ୍ଗୀ ଓ ଚିଲିକା ବ୍ଲକ୍‌ର ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇନପାରି ନିରାଶରେ ଫେରିଥିବା ଦେଖାଯାଇଥିଲା। ଶିକ୍ଷାବିଭାଗର ଏତାଦୃଶ ନୀତିକୁ ଘରୋଇ ସ୍କୁଲର ପରିଚାଳକମାନେ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ଟାଙ୍ଗୀ ବ୍ଲକ କ୍ଷେତ୍ରବାସୀ ଏକାଡେମୀ ନିରାକାରପୁର ଓ ସ୍ଥାନୀୟ ବଳରାମଦେବ ବିଦ୍ୟାପୀଠରେ ଯାଥାକ୍ରମେ ୫୭ ଓ ୫୪ ଜଣ ପରୀକ୍ଷାର୍ଥୀ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବା ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ପ୍ରକାଶ କରିଛନ୍ତି ।

# ରକ୍ଷଣାବେକ୍ଷଣ ଅଭାବରୁ ରାଜସ୍ୱ ବଙ୍ଗଳା ଜରାଜୀର୍ଣ୍ଣ

**ଖଣ୍ଡପଡା,୧୮।୮(ସ୍ୱ.ପ୍ର.)**

ନୟାଗଡ ଜିଲା ଖଣ୍ଡପଡ଼ା ସହରଠାରୁ ଅନତିଦୂର ଖଣ୍ଡପଡ଼ା-ନୟାଗଡ଼ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ରାଜସ୍ୱ ବିଭାଗର ଡାକବଙ୍ଗଳାଟି ଏବେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଫଳରେ ଏହା ପରିତ୍ୟକ୍ତ ହୋଇପଡିଥିବାବେଳେ ଭୂତକୋଠି ପାଲଟିଥିବା କୁହାଯାଉଛି।

ରାଜସ୍ୱ ବିଭାଗ ପକ୍ଷରୁ ଦୀର୍ଘ ୬୦ବର୍ଷ ତଳେ ଏହି ବଙ୍ଗଳାଟି ନିର୍ମାଣ କରାଯାଇଥିଲା। ଏକଦା ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଉକ୍ତ ବଙ୍ଗଳାରେ ରାଜ୍ୟ ସରକାରଙ୍କ ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ଏ ଅଞ୍ଚଳକୁ ପରିଭ୍ରମଣରେ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ରାତ୍ରିଯାପନ କରିବାର ସୁଯୋଗ ପାଉଥିଲେ। ପରବର୍ତ୍ତୀ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ସରକାରଙ୍କ ପକ୍ଷରୁ ଉକ୍ତ ବଙ୍ଗଳାଟିର ଆନୁଷଙ୍ଗିକ ମରାମତି କରାଯାଇଥିଲା। ଭାପୁର ତହସିଲ ଅଧୀନ ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଉକ୍ତ ବଙ୍ଗଳାରେ ଦୀର୍ଘବର୍ଷଧରି କାର୍ଯ୍ୟ କରୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ବାଘୁଆପଲ୍ଲୀଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ହେବା ପରେ ଉକ୍ତ କାର୍ଯ୍ୟାଳୟଟି ସେଠାକୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଠାରେ କୌଣସି କାର୍ଯ୍ୟାଳୟ ଚାଲୁ ନଥିବାରୁ ଏହି କାର୍ଯ୍ୟାଳୟରେ ତାଲା ଝୁଲୁଥିବା ପରିଲକ୍ଷିତ ହେଉଛି । ଏବେ ଅନାବନା ଗଛଲତାରେ ପୂର୍ଣ୍ଣ ହୋଇଥିବା ଏହି କାର୍ଯ୍ୟାଳୟଟି ସରିସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଉକ୍ତ ସ୍ଥାନରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି କାର୍ଯ୍ୟ କରୁଥିବା ବେଳେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ବଙ୍ଗଳା ସମ୍ମୁଖରେ ଏକ ନଳକୂପ ଖନନ କରାଯାଇଥିଲା। ଏବେ ନଳକୂପଟି ଗଛଲତା ମଧ୍ୟରେ ଅଚଳ ଅବସ୍ଥାରେ ପଡ଼ିରହିଛି। ପ୍ରଶାସନିକ ଉଦାସୀନତା ଯୋଗୁ ଡାକବଙ୍ଗଳାଟି ଭୂତକୋଠିରେ ପରିଣତ ହୋଇଛି। ସେହି ରାସ୍ତାଦେଇ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ଉକ୍ତ ବଙ୍ଗଳାଟି ପ୍ରତି କେହି ଦୃଷ୍ଟି ନଦେବା ପରିତାପର ବିଷୟ ହୋଇଛି। ରାଜସ୍ୱ ବିଭାଗ ଡାକବଙ୍ଗଳାଟିକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।



ପରିତ୍ୟକ୍ତ ଅବସ୍ଥାରେ ରାଜସ୍ୱ ବଙ୍ଗଳା।

# ୩୦୧ ୟୁନିଟ୍ ରକ୍ତ ସଂଗ୍ରହ

**ଭାପୁର,୧୮।୮(ଡି.ଏନ୍.ଏ.)**

ଭାପୁର ବଜାର ନିକଟ ବାଇପାସ୍ ରାସ୍ତାରେ ଥିବା ହନୁମାନ ମନ୍ଦିର ପରିସରରେ ଶନିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ରଣସିଂହଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ଦାମୋଦର ସାହୁ, ସନ୍ତୋଷ କୁମାର ଖଟେଇ, ରାଜକିଶୋର ଦଳେଇ, ଶିବପ୍ରସାଦ ଷଡ଼ଙ୍ଗୀ, ବୈଷ୍ଣବଚରଣ ନାୟକ ଏହାକୁ ପରିଚାଳନା କରିଥିଲେ। ଭାପୁର ଡାକ୍ତରଖାନାର ଡାକ୍ତର ପ୍ରଦୀପ କୁମାର ପାଇକରାୟ, ନୟାଗଡ଼ ରକ୍ତଭଣ୍ଡାରର ଲାବୋରେଟୋରି ଟେକ୍ନିସିଆନ ଅଭିମନ୍ୟୁ ସାହୁ, କବିନ୍ଦ୍ରନାଥ ସାହୁ, ନିରଞ୍ଜନ ପଣ୍ଡା, ଆଶୁତୋଷ ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ଭାପୁରର ଯୁବ ସ୍ୱେଚ୍ଛାସେବୀ ରଞ୍ଜନ କୁମାର ବଳିୟାରସିଂହ ଓ ଅରୁଣ କୁମାର ବେହେରା ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।



ରକ୍ତ ଦାନ କରୁଛନ୍ତି ଜଣେ ସ୍ୱେଚ୍ଛାସେବୀ।

# ବିଦ୍ୟାଳୟରେ ଜାତି ପ୍ରମାଣପତ୍ର ମିଳିବା ପ୍ରହସନ

**ଖଣ୍ଡପଡା,୧୮।୮(ସ୍ୱ.ପ୍ର.)**

## ଅଭିଭାବକଙ୍କ ମହଲରେ ଅସନ୍ତୋଷ

ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟଗୁଡିକ ମାଧ୍ୟମରେ ସହଜ ଓ ସୁବିଧା ଉପାୟରେ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯିବା ପାଇଁ ଗତ ବର୍ଷ ସେପ୍ଟେମ୍ବର ମାସରେ ରାଜ୍ୟ ସରକାର ଘୋଷଣା କରିଥିଲେ। ତେବେ ତଦାରଖ ଅଭାବରୁ କେତେକ କ୍ଷେତ୍ରରେ ଏହି ଯୋଜନାର ସୁଫଳ ଛାତ୍ରୀଛାତ୍ରମାନେ ପାଇପାରୁ ନାହାନ୍ତି । ଫଳରେ ଏହା ପ୍ରହସନରେ ପରିଣତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଗତ ୨୦୧୭ ମସିହା ସେପ୍ଟେମ୍ବର ମାସରେ ସରକାର ଘୋଷଣା କରିଥିବା ଯୋଜନାକ୍ରମେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସହଜ ଓ ସୁବିଧା ଉପାୟରେ ଜାତିଗତ ପ୍ରମାଣପତ୍ର ପାଇବା ପାଇଁ ଆବଶ୍ୟକୀୟ ମାତା ପିତାଙ୍କ ନାମରେ ଥିବା ଜମି କିମ୍ବା ଘର ପଟ୍ଟା, ସେମାନଙ୍କର ଭୋଟର ପରିଚୟପତ୍ର କିମ୍ବା ଆଧାରକାର୍ଡ ସହିତ ନିଜର ଫଟୋ ଓ ୭୦ ଟଙ୍କା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରେ ପୈଠ କରିଥିଲେ । ଏହି ପ୍ରମାଣ ପତ୍ର ଏକ ମାସ ମଧ୍ୟରେ ମିଳିବା କଥା । ମାତ୍ର ଆଜକୁ ଏକ ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ ଏହି ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ଖଣ୍ଡପଡା ତହସିଲ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ହଜାର ହଜାର ଛାତ୍ରୀଛାତ୍ର ଜାତିଗତ ପ୍ରମାଣପତ୍ର ପାଇପାରି ନାହାନ୍ତି । ବିଭିନ୍ନ ମେଧାବୃତ୍ତି ତଥା ଏନ୍‌ଏମ୍‌ଏମ୍‌ଏସ୍ ବୃତ୍ତି ପରୀକ୍ଷାରେ ଆବଶ୍ୟକ ହେଉଥିବା ଉକ୍ତ ପ୍ରମାଣ ପତ୍ର ବିନା ଛାତ୍ରୀଛାତ୍ରମାନେ ବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହେଉଥିବା ତଥା ହଇରାଣ ହେଉଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି । କଣ୍ଟିଲୋ ଅଞ୍ଚଳର ଜଣେ ଅଭିଭାବକ ବିକ୍ରମ କେଶରୀ ସାହୁଙ୍କ ଅଭିଯୋଗ କ୍ରମେ ଜାତି ତଥା ବିବିଧ ପ୍ରମାଣପତ୍ର ପାଇବା ପାଇଁ ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧା ଭୋଗିବା ସହ ବହୁ ଅର୍ଥ ଖର୍ଚ୍ଚ କରିଥାନ୍ତି ଓ ପାଠପଢା ଛାଡି ଏହି ପ୍ରମାଣ ପତ୍ର ପାଇବା ପାଇଁ ପିଲାମାନେ ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ହଇରାଣ ହରକତ ହେଉଥିବା ସେ ଅଭିଯୋଗ କରିଛନ୍ତି । ତେବେ ଏ ସମ୍ପର୍କରେ ଖଣ୍ଡପଡା ତହସିଲଦାର ଅନୀତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ ସରକାରଙ୍କ ଘୋଷଣା କ୍ରମେ ପିଲାମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜରିଆରେ ଆବଶ୍ୟକ ଫି ଦାଖଲ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ହଜାର ହଜାର ଛାତ୍ରୀଛାତ୍ର ଜାତିଗତ ପ୍ରମାଣ ପତ୍ର ପାଇବା ପାଇଁ ଆବେଦନ କରିଥିଲେ। ତେବେ ସେ ସବୁକୁ ଯାଞ୍ଚ କରିବାରେ ଅନେକ ପିଲା ଏହି ପ୍ରମାଣ ପତ୍ର ପାଇଁ ଆବଶ୍ୟକ ହେଉଥିବା ଡକ୍ୟୁମେଣ୍ଟ ପ୍ରଦାନ କରି ନାହାନ୍ତି । ଅପରପକ୍ଷେ ଆବେଦନ କରିଥିବା ଜାତିଗତ ପ୍ରମାଣ ପତ୍ର ପ୍ରଦାନ ପାଇଁ ଯେଉଁ ତାଲିକା ରହିଛି, ସେଥିରେ ସେ ସମ୍ପର୍କରେ କୌଣସି ସୂଚନା ନାହିଁ । ଅନେକ ପିଲା ଖଣ୍ଡପଡା ତହସିଲ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ ମଧ ସେମାନଙ୍କ ମାତାପିତାଙ୍କ ଘର ଅନ୍ୟ ତହସିଲ ଅଞ୍ଚଳରେ । ଏଣୁ ଏଭଳି ପରିସ୍ଥିତିରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସମ୍ଭବ ହେଉନାହିଁ । ଅନେକ ପ୍ରମାଣ ପତ୍ର ଯାହାର ଠିକ କାଗଜପତ୍ର ରହିଛି ସେଗୁଡିକୁ ପ୍ରଦାନ କରାଯାଇଛି । ଆଉ କିଛି ଠିକ୍ ଆବେଦନପତ୍ରକୁ ବଛାଯାଇ ରଖାଯାଇଛି ଖୁବଶୀଘ୍ର ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଯେଉଁ କିଛି ପିଲାମାନେ ଡକ୍ୟୁମେଣ୍ଟ ଦେଇ ନାହାନ୍ତି ସେ ସମ୍ପର୍କରେ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପଠାଯାଇ ସେଗୁଡିକୁ ତନଖି କରି ରିପୋର୍ଟ ଦେଲେ ସେ ସବୁ ମଧ ଆପ୍ରୁଭ୍ କରାଯାଇ ପ୍ରଦାନ କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

# ଚିଲିକା ଉପରେ ପ୍ଲାଷ୍ଟିକ୍ ବୋଝ

**ପୁରୀ ଅଫିସ, ୧୮।୮**

ସମ୍ପ୍ରତି ବିଶ୍ୱରେ ମନୁଷ୍ୟକୃତ ସମସ୍ୟା ଯୋଗୁ ପରିବେଶଗତ ଅସନ୍ତୁଳନ ବଢିବାରେ ଲାଗିଛି। ସେଥିରୁ ମୁକୁଳିବାର ବାଟ ମିଳୁ ନ ଥିବା ବେଳେ ମଣିଷ ଗୋଟିଏ ପରେ ଗୋଟିଏ ସମସ୍ୟା ସୃଷ୍ଟି କରୁଛି। ପଲିଥିନ ଓ ପ୍ଲାଷ୍ଟିକ ଯୋଗୁ ଚିଲିକାର ପରିବେଶ ପ୍ରଦୂଷିତ ହେଉଛି। ମଣିଷ ବ୍ୟବହାର କରୁଥିବା ପଲିଥିନ ଓ ପ୍ଲାଷ୍ଟିକ ସେଠାରେ ପଡୁଥିବାବେଳେ ଜଳଜୀବ ପ୍ରଭାବିତ ହେଉଛନ୍ତି। ଏହାସହିତ ଚିଲିକାରେ ପଲିଥିନ ଓ ପ୍ଲାଷ୍ଟିକ ପାହାଡ ସୃଷ୍ଟି ହେଉଛି। ପଲିଥିନ ଓ ପ୍ଲାଷ୍ଟିକ ଯୋଗୁ ହ୍ରଦର ପରିବେଶ ଓ ଜୈବ ବିବିଧତା ଉଜୁଡିବ ବୋଲି ପରିବେଶ ପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏଦିଗରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କଠୋର ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ ହୋଇପଡିଛି। ଏସିଆ ମହାଦେଶର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା। ୧୧୬୫ବର୍ଗ କିମି ବିଶିଷ୍ଟ ଏହି ହ୍ରଦ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାକୁ ଲମ୍ବିଛି। ଜୈବ ବିବିଧତା ବଜାୟ ରଖିବାରେ ଭାରତର ପ୍ରଥମ ଆର୍ଦ୍ରଭୂମି ଓ ସନ୍ତସନ୍ତିଆ ଅଞ୍ଚଳ ଭାବେ ଏହା ରାମସାର କନ୍‌ଭେନସନରେ ମାନ୍ୟତା ପାଇଥିଲା। ୨୦୦୨ ମସିହାରେ ରାମସାର ସଂରକ୍ଷଣ ପୁରସ୍କାର ପାଇ ବିଶ୍ୱରେ ପ୍ରକୃତିପ୍ରେମୀଙ୍କ ଦୃଷ୍ଟିକୁ ଆସିଥିଲା। ଆନ୍ତର୍ଜାତିକ ଗୁରୁତ୍ୱ ବହନ କରୁଥିବା ଚିଲିକାର ୧୬ ବର୍ଗ କିମି ବ୍ୟାପ୍ତ ନଳବଣ ଦ୍ୱୀପକୁ ୧୯୮୭ ମସିହାରେ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ମଧ୍ୟ ମିଳିଛି। ଏହାର ଜୈବ ବିବିଧତା ଓ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତି ବର୍ଷ ଶୀତଋତୁରେ ଦେଶ ବିଦେଶରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଏଠାକୁ ଛୁଟି ଆସିଥାନ୍ତି। ଚିଲିକାର ଅନ୍ୟତମ ଆକର୍ଷଣ ଇରାୱାଡି ଡଲଫିନ।

ମନୁଷ୍ୟଗତ ସମସ୍ୟା ଲାଗି ଚିଲିକା ସ୍ଥିତି ବିପନ୍ନ ହେବାରେ ଲାଗିଛି। ଚିଲିକାରେ ଛୋଟବଡ ୫୨ଟି ନଦୀ ମିଶିଛି। ଦୈନନ୍ଦିନ ମଣିଷ ବ୍ୟବହାର କରୁଥିବା ପଲିଥିନ, ପ୍ଲାଷ୍ଟିକ ଆଦି ଏଣେତେଣେ ପଡିବା ଫଳରେ ସେଗୁଡିକ ଯାଇ ନଦୀରେ ମିଶୁଛି। ନଦୀରୁ ଯାଇ ଚିଲିକା ଏବଂ ବଙ୍ଗୋପସାଗରରେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ବୃଦ୍ଧି ପାଉଛି। ଚିଲିକା ଉପକୂଳରେ ପ୍ରାୟ ୧୪୭ ଗ୍ରାମ ରହିଛି। ସେଥିରେ ୨ଲକ୍ଷ ମତ୍ସ୍ୟଜୀବୀ ପରିବାର ବସବାସ କରୁଛନ୍ତି। ସେମାନେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରୁଥିବାବେଳେ ତାହା ଚିଲିକା ପାଇଁ ବିପଦ ସୃଷ୍ଟି କରୁଛି। ଏହାଛଡ଼ା ଚାଲିକା କୂଳରେ ରହିଥିବା ପର୍ଯ୍ୟଟନ ସ୍ଥଳ ଏବଂ ଜେଟିଗୁଡିକରେ ଛୋଟ ବଡ ଦୋକାନ ରହିଛି। ସେମାନେ ସଚେତନ ନ ଥିବାରୁ ପଲିଥିନ ଏଣେତେଣେ ପକାଉଛନ୍ତି। ସେଗୁଡିକ ଯାଇ ଚିଲିକାରେ ମିଶୁଛି। ନୂଆମୁହାଣ, ରାଜହଂସ, କାଳିଜାଇ, ବରକୁଳ, ବାଲୁଗାଁ, ରମ୍ଭା ଆଦି ସ୍ଥାନରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେଠାରେ ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ ଆଦିକୁ ପକାଇବା ବେଳେ ସେଗୁଡିକ ଚିଲିକା ପାଇଁ ବିପଦ ସାଜୁଛି।

ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ଡଙ୍ଗାରେ ପର୍ଯ୍ୟଟକମାନେ ପିକ୍‌ନିକ କରୁଛନ୍ତି। ସେମାନେ ବ୍ୟବହାର ପରେ ପଲିଥିନ, ଜରି, ପ୍ଲାଷ୍ଟିକ ଗ୍ଲାସ ଆଦି ଚିଲିକାରେ ପକାଉଛନ୍ତି। ସେହିପରି ମଙ୍ଗଳାଯୋଡି, ସୁନ୍ଦରପୁର ଆଦି ସ୍ଥାନରେ ପର୍ଯ୍ୟଟକମାନେ ଡଙ୍ଗାରେ ବସି ଚିଲିକାକୁ ପକ୍ଷୀ ଦେଖିବାକୁ ଯାଉଛନ୍ତି। ପର୍ଯ୍ୟଟକମାନେ ସାଥିରେ ପଲିଥିନରେ ବିଭିନ୍ନ ସ୍ନାକ୍ସ, ପାଣି ବୋତଲ ଓ କୋଲ୍ଡ ଡ୍ରିଙ୍କସ୍ ଆଦି ନେଉଛନ୍ତି। ଖାଇବା ପରେ ତାହାକୁ ଚିଲିକାରେ ପକାଉଛନ୍ତି। ମତ୍ସ୍ୟଜୀବୀମାନେ ଜାଲରେ ପ୍ଲାଷ୍ଟିକ ବୋତଲ ବାନ୍ଧୁଛନ୍ତି। ସେଗୁଡ଼ିକ ମଧ ଜଳରାଶିରେ ହଜାର ହଜାର ସଂଖ୍ୟାରେ ଭାସୁଥିବା ଦେଖିବାକୁ ମିଳୁଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୦୨ ମସିହାରୁ ଚିଲିକାରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ତାହାକୁ ରୋକା ଯାଇପାରିନାହିଁ। ଲୋକମାନଙ୍କୁ ସଚେତନ କରିବା ଲାଗି ମଧ ପର୍ଯ୍ୟାପ୍ତ ପଦକ୍ଷେପ ମଧ ହାତକୁ ନିଆଯାଉନାହିଁ। ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ସଭାପତି ସଦାଶିବ ଜେନା କୁହନ୍ତି, ଚିଲିକାରେ ଚଳାଚଳ କରୁଥିବା ୮୦ପ୍ରତିଶତ ବୋଟ୍‌ରେ ଡଷ୍ଟବିନ ରଖାଯାଇଛି। ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ ଡଙ୍ଗାରେ ବସିବା ବଳେ ସଚେତନ କରାଯାଉଛି। ସେମାନେ ବ୍ୟବହାର କରୁଥିବା ପଲିଥିନ ବୋଟ ଡ୍ରାଇଭରଙ୍କୁ ଦେବାକୁ କୁହାଯାଉଛି। ବୋଟ ଡ୍ରାଇଭର ପଲିଥିନକୁ ଡଷ୍ଟବିନରେ ରଖୁଛନ୍ତି। ଡଙ୍ଗା କୂଳରେ ଲାଗିବା ପରେ ବାହାରେ ପକାଉଛନ୍ତି। କିନ୍ତୁ ଚିଲିକା କୂଳରେ ଡଷ୍ଟବିନ ନ ଥିବାରୁ ସମସ୍ୟା ଉପୁଜିଛି। ଚିଲିକାରେ ଥିବା ପ୍ରତି ମୋଟର ବୋଟ ଆସୋସିଏଶନକୁ ସିଡିଏ ୨୦ହଜାର ଟଙ୍କା ଲେଖାଏ ଯୋଗାଇ ଦେଇଥିଲା। ସେଥିରେ ଡଷ୍ଟବିନ କିଣିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨ରୁ ଏହାକୁ କଡାକଡି କରାଯିବ। ଚିଲିକା ମଧ୍ୟକୁ ପଲିଥିନ ନେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି, ସିଡିଏ ପକ୍ଷରୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। କାଳିଜାଇ ସହିତ ଚିଲିକାର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। କିନ୍ତୁ ଲୋକମାନେ ସଚେତନ ହେବା ଆବଶ୍ୟକ। ଚିଲିକା କିଭଳି ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ସେଥିପାଇଁ ସିଡିଏ ପକ୍ଷରୁ ପଦକ୍ଷେପ ନିଆଯାଉଛି।


ଚିଲିକା କୂଳରେ ପଲିଥିନ, ପ୍ଲାଷ୍ଟିକ୍ ଖଲି ଆଦି ପଡିରହିଛି।

- ବୃଦ୍ଧି ପାଉଛି ପ୍ରଦୂଷଣ, ସଙ୍କଟରେ ଜଳଜୀବ
- ୨୦୦୨ରୁ ଚିଲିକାରେ ନିଷିଦ୍ଧ ହୋଇଛି ପଲିଥିନ ବ୍ୟବହାର

## ସଂକ୍ଷେପରେ

### ୮ଗ୍ରାମ ବ୍ରାଉନ୍ ସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୧୮।୮:** ପୁରୀ ଅବକାରୀ ପୋଲିସ ଶନିବାର ଭୂଦାନ ନଗର ଅଞ୍ଚଳରୁ ୮ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ପେଣ୍ଠକଟା ଅଞ୍ଚଳର ରାମଚନ୍ଦ୍ର ନାୟକ। ତାଙ୍କ ଠାରୁ ୧୨ଶହ ଟଙ୍କା ମଧ ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ରାମଚନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡିଛି। ସେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବିକ୍ରି କରୁଥିବା ଜେରା ବେଳେ ସ୍ୱୀକାର କରିଥିବା ଅବକାରୀ ଏସ୍‌ଆଇ ରାଜଶେଖର ସ୍ୱାଇଁ କହିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ଶନିବାର ରାମଚନ୍ଦ୍ର ୫୦ଟି ବ୍ରାଉନ ସୁଗାର ପ୍ୟାକେଟ ଧରି ଭୂଦାନ ନଗର ଛକରେ ବିକ୍ରି କରୁଥିବା ଖବରପାଇ ଅବକାରୀ ବିଭାଗ ପାଖରେ ଖବର ପହଞ୍ଚିଥିଲା। ଅବକାରୀ ଅଧୀକ୍ଷକ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଅଞ୍ଚଳରେ ଚଢାଉ କରି ରାମଚନ୍ଦ୍ରଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ଗିରଫ କରିଥିଲା।

### ବାଇକ୍ ଚୋରି କରି ୨ ନାବାଳକ ଧରାପଡିଲେ

**ପୁରୀ ଅଫିସ,୧୮।୮:** ବାଇକ୍ ଚୋରି କରି ଶନିବାର ଦୁଇଜଣ ନାବାଳକ ଧରା ପଡିଛନ୍ତି। ଜଣକ ଘର ଘଣାମଲ୍ଲ ସାହି ଏବଂ ଅନ୍ୟ ଜଣକ ଘର ଅଠରନଳା ବୋଲି ଜଣାପଡିଛି। ଟାଉନ ଥାନା ପୋଲିସ ସେମାନଙ୍କୁ ପଚରାଉଚୁରା କରୁଛି। ମିଳିଥିବା ସୂଚନା ପ୍ରକାରେ ଝାଡେଶ୍ୱରୀ ମନ୍ଦିର ନିକଟରେ ରହୁଥିବା ପ୍ରମୋଦ କୁମାର ରଥଙ୍କ ବାଇକ୍ ଶନିବାର ଅପରାହ୍ନ ୨ଟାରେ ଘର ବାରଣ୍ଡାରୁ ଚୋରି ହୋଇଯାଇଥିଲା। ଏନେଇ ସେ ଚାରିଆଡେ ଖୋଜାଖୋଜି କରିବା ସହ ସାଙ୍ଗସାଥୀଙ୍କୁ ଜଣାଇଥିଲେ। ଅପରାହ୍ନ ସାଢେ ୩ଟା ବେଳେ ଉକ୍ତ ଦୁଇ ନାବାଳକ ଉକ୍ତ ବାଇକ୍‌କୁ ଧରି ଦୋଳମଣ୍ଡଳ ସାହି ହାବେଳି ଗଳି ନିକଟରେ ଠିଆ ହୋଇଥିଲେ। ଏହାଦେଖି ପ୍ରମୋଦଙ୍କ ସାଙ୍ଗମାନେ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ।

## ଗାନ୍ଧର୍ବ ସଙ୍ଗୀତ ଉତ୍ସବ: ଦିନେଶ ମଧୁକରଙ୍କୁ ପଣ୍ଡିତ ନୀଳକଣ୍ଠ ମିଶ୍ର ସମ୍ମାନ

**ପୁରୀ ଅଫିସ,୧୮।୮**

ଗାନ୍ଧର୍ବ ସଙ୍ଗୀତ କଳାପୀଠ ପକ୍ଷରୁ ଶନିବାର ସଂସ୍କୃତି ଭବନ ପରିସରରେ ଗାନ୍ଧର୍ବ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମନୋରମ ସଙ୍ଗୀତ ସନ୍ଧ୍ୟାରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ସହକାରୀ ଜିଲାପାଳ ବନମାଳୀ ଶତପଥୀ, ଅନୁଷ୍ଠାନର ଡ. ଓମ୍‌କାର ନାଥ ମିଶ୍ର ଓ ପ୍ରଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବମ୍ବେର ଗୁରୁ ଦିନେଶ ମଧୁକର କୋଲହାତକରଙ୍କୁ ପଣ୍ଡିତ ନୀଳକଣ୍ଠ ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଭଳି ଏକ ସମ୍ମାନ ପାଇ ସେ ଗୌରବାନ୍ୱିତ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଗୁରୁ ଦିନେଶ ମଧୁକର। ସଙ୍ଗୀତ ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ସରସ୍ୱତୀ ବନ୍ଦନା ଏବଂ ଜୟ ଜଗଦୀଶ ହରେ ପରିବେଷଣ କରିଥିଲେ। ପରେ ଶାସ୍ତ୍ରୀୟ ସଙ୍ଗୀତରେ ଝଙ୍କୃତ ହୋଇଥିଲା ସଂସ୍କୃତି ଭବନ ପରିସର। ନିରଞ୍ଜନ ମହାପାତ୍ର, ପୁଷ୍ପାଞ୍ଜଳି ନନ୍ଦ, ପ୍ରଜ୍ଞା ମିଶ୍ର, ଗୁରୁ ଦିନେଶ ମଧୁକର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏକକ ତବଲା ବାଦନରେ କେରଳ ରତ୍ନଶ୍ରୀ ଆୟାର ଓ ମୁମ୍ବାଇର ପରମ ଏଚ୍ ହାରିଆ ଶ୍ରୋତାଙ୍କ ମନ ଜିଣିଥିଲେ। ଅନୁଷ୍ଠାନର ଅଧକ୍ଷ ଯାମିନୀକାନ୍ତ ମିଶ୍ରଙ୍କ ସମେତ ଅନ୍ୟ ଶିଳ୍ପୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉତ୍ସବରେ ଗୁରୁ ଦିନେଶ ମଧୁକରଙ୍କୁ ସମ୍ମାନିତ କରାଯାଉଛି।

## ସମବାୟ ସମିତିରେ ଅନିୟମିତତା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

**ପୁରୀ ଅଫିସ, ୧୮।୮**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ସେବା ସମବାୟ ସମିତିରେ ୨୦୧୬ ମସିହାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହି ଘଟଣାରେ ସୋସାଇଟି ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଛଡ଼ା ଉକ୍ତ ସମବାୟ ସମିତିରେ ବ୍ୟାପକ ଅନିୟମିତତା ଲାଗି ରହିଛି। ସୋସାଇଟିର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ତତ୍‌କାଳୀନ ଉପଜିଲାପାଳ ମଧ ସୁପାରିସ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଡିଟ୍ ହୋଇନାହିଁ କି ଅନିୟମିତତାର ତଦନ୍ତ ହୋଇନାହିଁ। ସ୍ୱତନ୍ତ୍ର ଅଡିଟ୍ ଏବଂ ଅନିୟମିତତାର ତଦନ୍ତ ଦାବି କରି ବଳପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଶନିବାର ଉପଜିଲାପାଳ ଭବତାରଣ ସାହୁଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୁଶୀଳ ସାହୁ, ପୁରୀ ଜିଲା ସୂଚନା ଅଧିକାର କର୍ମୀ ଚିନ୍ମୟ ଦାସ, ସତ୍ୟ ନାରାୟଣ ନାୟକ, ଶୁଭ କୁମାର ପଣ୍ଡା ଓ ଗଙ୍ଗାଧର ଦେହୁରି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।




## ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପାଇଁ ପ୍ରସ୍ତାବ

**ପୁରୀ ଅଫିସ,୧୮।୮:** ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ମହାନ୍। ଏହାର ପ୍ରଚାର ପ୍ରସାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆହୁରି ଅଧିକ ପଦକ୍ଷେପ ନେବା ଦରକାର। ଶନିବାର ଓଡ଼ିଶାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏହି ପ୍ରସ୍ତାବ ଦିଆଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ, ଭକ୍ତି ନିର୍ମାଲ୍ୟ, ଯୁବ ଚେତନା ସଙ୍ଗଠନ ଓ ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେନ୍ଦ୍ର କୁମାର ମିଶ୍ର, ବିଶ୍ୱନାଥ ମିଶ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମଧ ଉପସ୍ଥିତ ଥିଲେ।

### ସୋସିଆଲ ମିଡିଆରେ ଚର୍ଚ୍ଚା

## ଦଶପଲ୍ଲା ବିଜେଡିରେ ଗୋଷ୍ଠୀ କନ୍ଦଳ

**ନୂଆଗାଁ,୧୮।୮(ଡି.ଏନ.ଏ)**

ନୟାଗଡ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିଜେଡିରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିବା ବେଳେ ଏହି କନ୍ଦଳ କିଛିଦିନ ହେଲା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ବିଜେଡି ଓ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ମଧ୍ୟରେ କନ୍ଦଳ ସୃଷ୍ଟି ହୋଇଛି। ଦଶପଲ୍ଲା ବିଧାୟକଙ୍କ ସମର୍ଥକ ଓ ତାଙ୍କୁ ବିରୋଧ କରୁଥିବା ଗୋଷ୍ଠୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। କେତେକ କର୍ମୀ ବିଜେଡିକୁ ସମର୍ଥନ କରୁଥିବା ବେଳେ ବିଧାୟକଙ୍କୁ ବିରୋଧ କରୁଥିବା ଦଶପଲ୍ଲା ଠାରେ ଅନୁଷ୍ଠିତ ଦଶପଲ୍ଲା ବଞ୍ଚାଅ ଅଭିଯାନରେ ପ୍ରକାଶ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ବହୁ ଆଶାୟୀ ପ୍ରାର୍ଥୀଥିବା ବେଳେ ବିଧାୟକ କିଛି ଆଶାୟୀ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ । ଯେଉଁ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଧାୟକ ଅଣଦେଖା କରିଥିଲେ ସେମାନେ ଅସନ୍ତୁଷ୍ଟ ହୋଇ ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ହୋଇଛନ୍ତି । ସେହି ଦିନଠାରୁ ଅସନ୍ତୋଷର ନିଆଁ ଜୁହୁଳିଛି। ନୂଆଗାଁ , ଦଶପଲା ଏବଂ ଗଣିଆ ବ୍ଲକରେ ବହୁ ଆଗଧାଡିର କର୍ମୀ ଅସନ୍ତୁଷ୍ଟ ଗୋଷ୍ଠୀରେ ଯୋଗଦେଇ ବିଭିନ୍ନ ସମୟରେ ବିଧାୟକଙ୍କ କାର୍ଯ୍ୟକଳାପକୁ ବିରୋଧ କରି ନିଜ ଗୋଷ୍ଠୀକୁ ସୁଦୃଢ କରିବା ସହ ବିଜେଡି ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାର ପ୍ରୟାସ କରୁଥିବା ଦେଖିବାକୁ ମିଳୁଛି । ବିଧାୟକଙ୍କୁ ବିରୋଧ କରି ଅସନ୍ତୁଷ୍ଟ ଗୋଷ୍ଠୀ ତରଫରୁ ଦଶପଲ୍ଲା ନେତାଜୀ ମୈଦାନରେ ଦଶପଲା ବଞ୍ଚାଅ ଅଭିଯାନ କରାଯାଇଥିଲା । ପର ମୁହୂର୍ତ୍ତରେ ବିଧାୟକ ଓ ବିଜେଡି ତରଫରୁ ଜନ ସମ୍ପର୍କ ପଦଯାତ୍ରାର ଆୟୋଜନ କରାଯାଇଥିଲା । ସେହି କନ୍ଦଳ ଏବେ ସୋସିଆଲ ମିଡିଆର ଫେସବୁକରେ ଦେଖିବାକୁ ମିଳୁଛି । ଶାସକ ଗୋଷ୍ଠୀ ଓ ଅସନ୍ତୁଷ୍ଟ ଗୋଷ୍ଠୀର କିଛି ଆଗ ଧାଡିର କର୍ମୀ ଫେସବୁକରେ ଆଇଡି ଖୋଲି କମେଣ୍ଟ ମାଧ୍ୟମରେ ଗାଳିଗୁଲଜ କରୁଥିବାର ଦେଖିବାକୁ ମିଳୁଛି । ଏପରିକି ଫେସବୁକର କମେଣ୍ଟରେ ଅଶ୍ଳୀଳ ଭାଷାରେ କିଛି ମେସେଜ ଦେଉଥିବା ମଧ୍ୟ ଦେଖିବାକୁ ମିଳୁଛି । ଯାହାକି ଦଳର ସ୍ୱାଭିମାନକୁ କ୍ଷୁର୍ଣ୍ଣ କରୁଥିବା ସାଧାରଣରେ ଆଲୋଚନା ହେଉଛି । ସୋସିଆଲ ମିଡିଆରେ ଏପରି ଗୋଷ୍ଠୀ କନ୍ଦଳ ବିଷୟରେ ନୂଆଗାଁ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି ଦଳରେ କନ୍ଦଳ ସୃଷ୍ଟି କରୁଥିବା କିଛି ଲୋକଙ୍କୁ ଆମେମାନେ ଜାଣିଥିବା ବେଳେ କିଛି ଅଜଣା ଲୋକ ଫେକ୍ ଆଇଡି ଖୋଲି ଏଭଳି କରୁଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ